# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୪୪ ◆ ଭୁବନେଶ୍ୱର ◆ ସୋମବାର ◆ ଜୁନ୍ ୨୨ରୁ ଜୁନ୍ ୨୮, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-44 ◆ Bhubaneswar ◆ Monday ◆ June 22 to June 28, 2026 ◆ Page-8 ◆ Price Rs.4.00


## ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

# କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କଲେ ଯୋଗାଭ୍ୟାସ

ଭୁବନେଶ୍ୱର,(ଜା.ପ୍ର): ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗକୁ ଶାରୀରିକ, ବୌଦ୍ଧିକ ଓ ଆଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ ଭାବେ ଅଭିହିତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୋଗ କୌଣସି ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ସୀମିତ ନୁହେଁ, ବରଂ ମାନବ ଚେତନାର ବିକାଶ ପାଇଁ ଏକ ବିଶ୍ୱବ୍ୟାପୀ ଅମୂଲ୍ୟ ଉପହାର। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଯୋଗ ବିଶ୍ୱ ସ୍ତରରେ ସ୍ୱୀକୃତି ଲାଭ କରି ଭାରତର ସାଂସ୍କୃତିକ ଗୌରବକୁ ପ୍ରତିଷ୍ଠିତ କରିଛି ବୋଲି ସେ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଯୋଗ ଦିବସର ବିଷୟବସ୍ତୁ "ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ"। ଏହା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବୟସ ବଢ଼ିବା ସହିତ ଶରୀରରେ ଦେଖା ଦେଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ଆହ୍ୱାନ, ଯେପରିକି ଉଚ୍ଚ ରକ୍ତଚାପ, ମଧୁମେହ, ଚିନ୍ତା ଓ ଏକାକୀପଣର ସହଜ ସମାଧାନ ଯୋଗ ଏବଂ ପ୍ରାଣାୟାମ ମାଧ୍ୟମରେ ସମ୍ଭବ। ରାଜ୍ୟର ବୟୋଜ୍ୟେଷ୍ଠ ନାଗରିକମାନଙ୍କ ସୁସ୍ଥତା ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ ବୋଲି



ସେ ମତବ୍ୟକ୍ତ କରିଛନ୍ତି।ସେହିପରି ଆଜିର ଡିଜିଟାଲ ଯୁଗରେ ମୋବାଇଲ ଓ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ଯୁବପିଢ଼ିଙ୍କୁ ମାନସିକ ଚାପମୁକ୍ତ ରହିବା ପାଇଁ ପ୍ରତିଦିନ ଅତିକମରେ ୨୦ ରୁ ୩୦ ମିନିଟ୍ ଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଏବଂ ପ୍ରାଚୀନ ଚିକିତ୍ସା ପଦ୍ଧତିର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗଜପତି, ମାଲକାନଗିରି ଏବଂ ରାୟଗଡ଼ା ଜିଲ୍ଲାରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ଜଟଣିର ବିଂଝଗିରିଠାରେ ୨୦ ଏକର ପରିମିତ ଅଞ୍ଚଳରେ ଏକ ଅତ୍ୟାଧୁନିକ ଯୋଗ ଓ ନେଚୁରୋପାଥି ଅନୁଷ୍ଠାନ ନିର୍ମାଣ ଚାଲିଥିବା ବେଳେ, ରାଇରଙ୍ଗପୁରଠାରେ କେନ୍ଦ୍ରୀୟ ଆୟୁର୍ବେଦିକ ମେଡିକାଲ କଲେଜର ଶିଳାନ୍ୟାସ କରାଯାଇଛି। ସରକାର ଯୋଗକୁ ବିଦ୍ୟାଳୟ ପାଠ୍ୟକ୍ରମ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଥିବା ସେ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ କଲିକତାରୁ ପ୍ରସାରିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଲାଇଭ ଯୋଗ କାର୍ଯ୍ୟକ୍ରମରେ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ମୁଖ୍ୟମନ୍ତ୍ରୀ ନିଜେ ଷ୍ଟାଡିୟମରେ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଯୋଗ ପ୍ରେମୀମାନଙ୍କ ଗହଣରେ ବସି ସାମୂହିକ ଭାବେ ପ୍ରତ୍ୟକ୍ଷ ଯୋଗାଭ୍ୟାସ କରିଥିଲେ। ଯୋଗ ମହୋତ୍ସବ ସମିତି ତରଫରୁ କାର୍ଯ୍ୟକ୍ରମକୁ ଆଲୋକ ଦାସ ଏବଂ ସତ୍ୟ ଶୋଭନ ମିଶ୍ର ପରିଚାଳନା କରୁଥିଲେ । ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ ଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ୍, ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ଜାଲରେ କୁବେର ଯନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀ। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ତାଙ୍କର କୋରାପୁଟ ଜିଲ୍ଲା ଜୟପୁରର ପାରାବେଡ଼ା ଅଞ୍ଚଳରେ ଥିବା ଭଡ଼ା ଘର ସମେତ ମୋଟ୍ ୭ଟି ଠିକଣାରେ ଚଢ଼ଉ କରାଯାଇଛି। ଚଢ଼ଉ ବେଳେ ତାଙ୍କର ପୁଳା ପୁଳା ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। ସତ୍ୟନାରାୟଣ ସେଠୀ ଓ ତାଙ୍କ ପରିବାର ଲୋକଙ୍କର ୨ ଫ୍ଲାଟ୍, ୨ଟି ଫାର୍ମ ହାଉସ୍ ଓ ୪୯ଟି ଦାମୀ ପ୍ଲଟ୍ ରହିଛି। ତାଙ୍କ ଘରୁ ପ୍ରାୟ ୯୪୦ ଗ୍ରାମ ସୁନା ଗହଣା, ପ୍ରାୟ ଅଢ଼େଇ କେଜିର ରୁପା ଗହଣା ଓ ନଗଦ ୫ ଲକ୍ଷ ୪୮ ହଜାର ଟଙ୍କା ଜବତ କରାଯାଇଛି। ସେ ୬୦.୯୨ ଲକ୍ଷ ଟଙ୍କା ଜମା ରଖିଛନ୍ତି। ଶ୍ରୀ ସେଠୀଙ୍କର ଗୋଟିଏ ଫ୍ଲାଟ୍ ଖୋର୍ଦ୍ଧା ଜିଲ୍ଲା ଜଟଣୀର ମାଧିପୁର ମୌଜାର ହାଇଟେକ୍ ପ୍ଲାଜାରେ ରହିଛି। ଏହି ୨ ବିଏଚ୍କେ ଫ୍ଲାଟ୍ ପ୍ରାୟ ୧୦୦୦ ବର୍ଗଫୁଟ ଜାଗାରେ ତିଆରି ହୋଇଛି। ତାଙ୍କର ଆଉ ଗୋଟିଏ ଫ୍ଲାଟ୍ ହେଉଛି ବେନାମୀ। ଏହି ଫ୍ଲାଟ କୋରାପୁଟର ଜୟପୁରର ପିଆର ପେଟାରେ ଅଛି। ସେ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ନାଁରେ ଏହି ଫ୍ଲାଟ୍ ରଖିଛନ୍ତି। ଏନେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଚାଲିଛି। ତାଙ୍କର ଦୁଇଟି ଯାକ ଫାର୍ମ ହାଉସ୍ କୋରାପୁଟ ଜିଲ୍ଲା ବୋରିଗୁମ୍ମା ତହସିଲରେ ରହିଛି। ଏଥିରୁ ଗୋଟିଏ ୧୦.୦୩ ଏକରର ହୋଇଥିବା ବେଳେ ଅନ୍ୟଟି ୪.୩୫ ଏକର ଜାଗାରେ ରହିଛି। ୧୦.୦୩ ଏକର ବିଶିଷ୍ଟ ଫାର୍ମ ହାଉସରେ ସେ ଆମ୍ବ ଓ ୟୁକାଲିପଟାସ ଗଛ ଲଗାଇଛନ୍ତି। ସେହିପରି ଅନ୍ୟଟିରେ ସେ ୟୁକାଲିପଟାସ ଗଛ ଲଗାଇଛନ୍ତି। ଶ୍ରୀ ସେଠୀଙ୍କର ସମସ୍ତ ୪୯ଟି ପ୍ଲଟ୍ କୋରାପୁଟ ଜିଲ୍ଲାରେ ରହିଛି। କୋରାପୁଟ, ଜୟପୁର, ବୋରିଗୁମ୍ମା, କୋଟପାଡ଼ ଓ ପଟାଙ୍ଗୀ ଅଞ୍ଚଳରେ ତାଙ୍କର ଏହି ସବୁ ପ୍ଲଟ ରହିଛି। ଏଥିରୁ ୧୭ ପ୍ଲଟ୍ ହେଉଛି ବେନାମୀ। ତାଙ୍କର ଫ୍ଲାଟ, ଫାର୍ମ ହାଉସ୍ ଓ ପ୍ଲଟ୍‌ଗୁଡ଼ିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ମାପଚୁପ ଓ ହିସାବ କାର୍ଯ୍ୟ ଜାରି ରଖିଛି। ତାଙ୍କ ଘରୁ ନଗଦ ୫ ଲକ୍ଷ ୪୮ ହଜାର ଟଙ୍କା ସହିତ ୯୪୦.୬୬ ଗ୍ରାମର ସୁନା ଓ ୨.୪୯୩ କେଜିର ରୁପା ଗହଣା ଜବତ କରାଯାଇଛି। ଜମା ବାବଦକୁ ସେ ୬୦ ଲକ୍ଷ ୯୨ ହଜାର ୫୪୮ ଟଙ୍କା ରଖିଛନ୍ତି। ତାଙ୍କର ଏକ ଚାରି ଚକିଆ ଗାଡ଼ି ଓ ଗୋଟିଏ ଦୁଇ ଚକିଆ ଗାଡ଼ି ଅଛି।

## ନିଯୁକ୍ତି ପାଇ କାମ କରୁନଥିଲେ: ୧୨୮ ଡାକ୍ତରଙ୍କ ବିରୋଧରେ ଆକ୍ସନ

ଭୁବନେଶ୍ୱର,(ଜା.ପ୍ର): ଦୀର୍ଘ ୫ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରେ ଅନୁପସ୍ଥିତ ଥିବା ୧୨୮ଜଣ ମେଡିକାଲ୍ ଅଫିସର ଓ ଡେଣ୍ଟାଲ ସର୍ଜନଙ୍କ ବିରୁଦ୍ଧରେ ହେବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଆଜି ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେବା ସହ କନ୍ଧମାଳ ପୁଲିସ ହସ୍ପିଟାଲର ପୂର୍ବତନ ମେଡିକାଲ୍ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ସରକାରୀ ଚାକିରିରୁ ବହିଷ୍କୃତ କରିଛନ୍ତି। ଏହି ଡାକ୍ତରମାନେ ଦୀର୍ଘବର୍ଷ ଧରି ଅନଧିକୃତ ଭାବେ ସରକାରୀ ଚାକିରିରେ ଅନୁପସ୍ଥିତ ରହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ନୂଆ ନୂଆ ମେଡିକାଲ ଓ ମେଡିକାଲ କଲେଜ ଖୋଲୁଛନ୍ତି, ଏହାର ଆଧୁନିକୀକରଣ କରାଯାଉଛି। ତଥାପି ନିଯୁକ୍ତି ପାଇବା ପରେ ଅନେକ ଡାକ୍ତର କାର୍ଯ୍ୟରେ ଯୋଗନଦେଇ ଅନୁପସ୍ଥିତ ରହୁଛନ୍ତି। ଏହାକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ସେହିପରି କନ୍ଧମାଳ ପୁଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ଆଜି ସରକାରୀ ଚାକିରିରୁ ବହିଷ୍କୃତ କରିଛନ୍ତି ମୁଖ୍ୟମନ୍ତ୍ରୀ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ଅନୁପସ୍ଥିତିର କାରଣ ଦର୍ଶାଇବା ଓ କାର୍ଯ୍ୟରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହା ସେ ପାଳନ କରିନଥିବାରୁ ସରକାର ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି । ସେ ୨୦୧୨ ମସିହାରୁ ସରକାରୀ ଚାକିରିରେ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷରେ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ମୋଟ ମଞ୍ଜୁରୀପ୍ରାପ୍ତ ୧୫୭୯୩ଟି ଡାକ୍ତର ପଦବୀ ରହିଛି, ସେଥିରେ ୮୭୯୩ଟି ନିୟମିତ ଡ୍ୟୁଟି ପଦବୀ ଓ ୭ହଜାର ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର (ଏଲଟିଆରଏମଓ) ପଦବୀ ସାମିଲ ଅଛି। ଏବେ ଏହି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ମଧ୍ୟରୁ ୯୮୨୬ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି ଓ ୫୯୬୭ଟି ପଦବୀ ସମ୍ପୂର୍ଣ୍ଣ ଖାଲି ପଡ଼ିଛି। ଅର୍ଥାତ୍ ରାଜ୍ୟରେ ପ୍ରାୟ ୩୦ ପ୍ରତିଶତ ଡାକ୍ତର ପଦବୀ ଏବେସୁଦ୍ଧା ପୂରଣ ନହୋଇ ପଡ଼ିରହିଛି।ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ଅନୁଯାୟୀ ଓଡ଼ିଶାରେ ପ୍ରତି ୧୦୦୦ ଜନସଂଖ୍ୟାରେ ଜଣେ ଡାକ୍ତର ରହିବା ଆବଶ୍ୟକ ଥିବାବେଳେ ଏବେ ରାଜ୍ୟରେ ପ୍ରତି ୧୨୬୫ ଜଣଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଉପଲବ୍ଧ ଅଛନ୍ତି।

## ଲାଗୋସ୍ ସହରକୁ ମାର୍ଗଦର୍ଶନ ଦେବ ଓଡ଼ିଶା

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ସହରାଞ୍ଚଳ ପରିମଳ କ୍ଷେତ୍ର ପାଇଁ ଏକ ଗୌରବମୟ ସଫଳତା ମିଳିଛି। 'ଦକ୍ଷିଣ-ଦକ୍ଷିଣ ସହଯୋଗ' କ୍ଷେତ୍ରରେ ଓଡ଼ିଶା ଜଳ ଯୋଗାଣ ଏବଂ ସେୱେରେଜ୍ ବୋର୍ଡ, ଜାତିସଂଘ-ହାବିଟାଟ୍ ଦ୍ୱାରା ସମର୍ଥିତ ଏକ ପ୍ରତିଷ୍ଠିତ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଅଧୀନରେ ନାଇଜେରିଆର 'ଲାଗୋସ୍ ଷ୍ଟେଟ୍ ୱେଷ୍ଟୱାଟର ମ୍ୟାନେଜମେଣ୍ଟ ଅଫିସ୍' (ଲାଗୋସ୍ ରାଜ୍ୟ ବର୍ଜ୍ୟଜଳ ପରିଚାଳନା କାର୍ଯ୍ୟାଳୟ)କୁ ମାର୍ଗଦର୍ଶନ (ମେଣ୍ଟରସିପ୍) ପ୍ରଦାନ କରିବା ପାଇଁ ମନୋନୀତ ହୋଇଛି। 'ଗ୍ଲୋବାଲ ୱାଟର ଅପରେଟର୍ସ ପାର୍ଟନରସିପ୍ ଆଲାୟନ୍ସ' (ବିଶ୍ୱ ଜଳ ପରିଚାଳକ ସହଭାଗିତା ସଂଘ) ମାଧ୍ୟମରେ ପରିଚାଳିତ ଏହି ପାଞ୍ଚ ବର୍ଷିଆ ଭାଗୀଦାରିତା, ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚର (ଡିଜିଟାଲ ସର୍ବସାଧାରଣ ଭିତ୍ତିଭୂମି) ଏବଂ ତଥ୍ୟ-ଆଧାରିତ ଶାସନ ପ୍ରଣାଳୀ ଆପଣାଇବା ମାଧ୍ୟମରେ ଲାଗୋସ୍ ରାଜ୍ୟରେ ପରିମଳ ସେବା ପ୍ରଦାନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବ। ଏହି କାର୍ଯ୍ୟକ୍ରମର ବୈଷୟିକ ନେତୃତ୍ୱ ନେଉଥିବା 'ଆଥେନା ଇନଫୋନୋମିକ୍ସ' ପକ୍ଷରୁ ଏହାର ପରିସର ଓ ଆଭିମୁଖ୍ୟ ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରାଯାଇଛି। ଏହି ସହଯୋଗିତାର ରୋଡମ୍ୟାପ୍ (କାର୍ଯ୍ୟପନ୍ଥା) ସମୀକ୍ଷା ଏବଂ ଆଗାମୀ ପଦକ୍ଷେପଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜାତୀୟ ଚେତନା
JATIYA CHETANA



# ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ଗ୍ୟାସ୍ ଲିକ୍, ୭ ମୃତ ଓ ୬୦ରୁ ଉର୍ଦ୍ଧ୍ୱ ଗୁରୁତର

ତାମିଲନାଡୁ,(ଏଜେନ୍ସି): ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ଏହି ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬୦ଜଣଙ୍କଠାରୁ ଉର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ଏହି ଅଘଟଣ ତାମିଲନାଡୁ ତିରୁଭାଲୁର୍ ଜିଲ୍ଲା ପେରିୟାପାଲାୟାମ ସ୍ଥିତ ଏକ ଚୁଙ୍ଗୁଡ଼ି କମ୍ପାନୀରେ ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, ମଞ୍ଜାନକାରାନାଇ ସ୍ଥିତ ଏକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ୟୁନିଟରେ ଗ୍ୟାସ୍ ଲିକ୍ ହୋଇଛି । ଗ୍ୟାସ୍ ଲିକର ପ୍ରକୃତ କାରଣ ଜଣାପଡ଼ିନାହିଁ । ବେଳେ କାର୍ଯ୍ୟରେ ନିୟୋଜିତ ଥିବା ଶତାଧିକ ଶ୍ରମିକ ଆମୋନିଆ ଗ୍ୟାସ୍ ସଂସ୍ପର୍ଶରେ ଆସିଥିଲେ । ଫଳରେ ହଠାତ ଗ୍ୟାସ୍ ଲିକ୍ ଯୋଗୁ ଫ୍ୟାକ୍ଟ୍ରି ଭିତରେ ଥିବା ଅନେକ ଶ୍ରମିକ ଅଚେତ ହୋଇପଡ଼ିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ କମ୍ପାନୀ ପକ୍ଷରୁ ଅଚେତ ଥିବା ସମସ୍ତ କର୍ମଚାରୀଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହସ୍ପିଟାଲରେ ୭ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ସେହିପରି ଆମୋନିଆ ଗ୍ୟାସ୍ ପ୍ରଭାବରେ ୪୦ରୁ ଅଧିକ ଶ୍ରମିକ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି । ଅନ୍ୟପଟେ ପୋଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି । ଏଥିସହ ଘଟଣାର ତଦନ୍ତ ଜାରି ରହିଛି । ତିରୁଭଲ୍ଲୁର ଜିଲ୍ଲା କଲେକ୍ଟର ଏସ. କବିତା ୟୁନିଟରେ ସମ୍ଭାବ୍ୟ ସୁରକ୍ଷା ତ୍ରୁଟି ତଦନ୍ତ କରିବା ପାଇଁ ଏକ ଆନୁଷ୍ଠାନିକ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

### ରାଜ୍ୟସଭା ନିର୍ବାଚନ: ଝାଡ଼ଖଣ୍ଡରେ କ୍ରସ୍ ଭୋଟିଂ ଅଭିଯୋଗ

# ଜେଏମ୍ଏମ୍ ପ୍ରାର୍ଥୀଙ୍କ ଠାରୁ ହାରିଲେ କଂଗ୍ରେସ ପ୍ରାର୍ଥୀ

ରାଞ୍ଚି,(ଏଜେନ୍ସି): ରାଜ୍ୟସଭା ନିର୍ବାଚନ ଅନ୍ତର୍ଗତ ଝାଡ଼ଖଣ୍ଡରେ କ୍ରସ ଭୋଟିଂ ହୋଇଥିବା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ କ୍ରସ୍‌ଭୋଟିଂ ଯୋଗୁ କଂଗ୍ରେସ ପ୍ରାର୍ଥୀ ପରାଜିତ ହୋଇଛନ୍ତି। ରିପୋର୍ଟ ଅନୁସାରେ ରାଜ୍ୟର ୨ଟି ରାଜ୍ୟସଭା ଆସନ ପାଇଁ ୩ ଜଣ ପ୍ରାର୍ଥୀ ମୈଦାନରେ ଥିଲେ। ତେବେ ଗୋଟିଏ ଆସନରେ ଏନ୍‌ଡିଏ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ତଥା ଶିଳ୍ପପତି ପରିମଲ୍ ନାଥୱାନୀ ଏବଂ ଦ୍ୱିତୀୟ ଆସନରେ ହେମନ୍ତ ସୋରେନ୍‌ଙ୍କ ଦଳ ଜେଏମ୍ଏମ୍ (ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା) ଜିତିଛି। ଏହି ଆସନରେ ଜେଏମ୍ଏମ୍ ବୈଦ୍ୟନାଥ ରାମ୍‌ଙ୍କୁ ପ୍ରାର୍ଥୀ କରିଥିଲା। ତେବେ ଏହି ଆସନରେ କଂଗ୍ରେସ ପ୍ରାର୍ଥୀ ଜିତିବା ସମ୍ଭାବନା ଅଧିକ ଥିଲା। କେବଳ କ୍ରସ୍ ଭୋଟିଂ ଯୋଗୁ ଏହି ଆସନରେ ପରିମଲ୍ ବିଜୟୀ ହୋଇପାରିଛନ୍ତି। ଏଠାରେ କଂଗ୍ରେସର ୩ଟି ଭୋଟ୍ ଅବୈଧସାବ୍ୟସ୍ତ ହୋଇଥିଲା। କଂଗ୍ରେସ ଏଥିପାଇଁ ଆର୍‌ଜେଡି ଏବଂ ବାମପନ୍ଥୀ ଦଳ ଉପରେ ସହଯୋଗ ନକରିବାର ଅଭିଯୋଗ ଆଣିଛି। ଅନ୍ୟପକ୍ଷରେ, ମିଜୋରାମର ଏକମାତ୍ର ଆସନରେ ଜୋରାମ ପିପୁଲ୍ସ ମୁଭମେଣ୍ଟ (ଜେଡ୍‌ପିଏମ୍) ପ୍ରାର୍ଥୀ କେ. ଲଲ୍ ତଲୁଆଙ୍ଗ୍ କିମା ବିଜୟୀ ହୋଇଛନ୍ତି। ୧୨ଟି ରାଜ୍ୟର ୨୬ଟି ରାଜ୍ୟସଭା ଆସନ ପାଇଁ ଗୁରୁବାର ଦିନ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଏଥିମଧ୍ୟରୁ ୧୯ଟି ଆସନ ଏନ୍‌ଡିଏକୁ, ୬ଟି ଆସନ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍‌କୁ ଏବଂ ଗୋଟିଏ ଆସନ ମିଜୋରାମର ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ (ଜେଡ୍‌ପିଏମ୍)କୁ ମିଳିଛି। ଏହି ନିର୍ବାଚନରେ ଏନ୍‌ଡିଏ ଏବଂ ଇଣ୍ଡିଆ ବ୍ଲକ୍ ଉଭୟଙ୍କୁ ଗୋଟିଏ ଲେଖାଏଁ ଆସନର ଫାଇଦା ହୋଇଛି।

# ପାଟନାରେ ବଦଳିବ ପ୍ରସ୍ତାବିତ ଟାଉନ୍‌ସିପର ନାମ



ବିହାର,(ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏକ ବଡ଼ ଘୋଷଣା କରିଛନ୍ତି। ବିହାରର ରାଜଧାନୀ ପାଟନାରେ ପ୍ରସ୍ତାବିତ ଟାଉନଶିପ୍ ?ର ନାମ ଏବେ ପାଟଳିପୁତ୍ର ହେବ । ସହଯୋଗ ଶିବିର ସମୟରେ ଫୁଲୱାରୀ ଶରିଫର ନଦିୟାୱାଁରେ ଲୋକମାନଙ୍କୁ ସମ୍ବୋଧନ କରି ସେ କହିଥିଲେ ଯେ, ପ୍ରସ୍ତାବିତ ଟାଉନଶିପ୍‌ର ନାମ ଏବେ ପାଟଳିପୁତ୍ର ହେବ । ଏହା କୌଣସି ନୂଆ ନାମ ନୁହେଁ, ବରଂ ରାଜଧାନୀର ପୁରୁଣା ନାମ। ଏଥିସହ ସେ କହିଥିଲେ ଯେ କଙ୍କଡ଼ବାଗ ପାଟନାର ପରିଚୟ ଥିଲା । ଲୋକମାନେ ଏହାକୁ ଏସିଆର ସବୁଠାରୁ ବଡ଼ ଟାଉନଶିପ୍ ବୋଲି କହୁଥିଲେ। ୧୯୬୦ ରୁ ୭୦ ଦଶକରେ ଏହାର କାମ ଆରମ୍ଭ ହୋଇଥିଲା ଏବଂ ଧୀରେ ଧୀରେ ଏହା ଏକ ବସ୍ତି ଅଞ୍ଚଳରେ ପରିଣତ ହୋଇଥିଲା। ବର୍ତ୍ତମାନ ଏହା ଆଉ ଟାଉନଶିପ୍ ନୁହେଁ। ସେ ଆହୁରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଯେତେବେଳେ ନଗର ବିକାଶ ମନ୍ତ୍ରୀ ଥିଲେ, ସେତେବେଳେ ସେଠାରୁ ପାଣି ନିଷ୍କାସନ କରିବାରେ ବହୁତ ଅସୁବିଧା ହେଉଥିଲା। ଧୀରେ ଧୀରେ ସେହି ସମସ୍ୟାର ସମାଧାନ କରାଯାଇଥିଲା । କିନ୍ତୁ ଏବେ ସରକାର ଏକ ନୂଆ ଟାଉନଶିପ୍ ମଧ୍ୟ ନିର୍ମାଣ କରୁଛନ୍ତି । ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ କହିଛନ୍ତି ଯେ, ଯେଉଁ ଟାଉନଶିପ୍ ନିର୍ମାଣ କରାଯାଉଛି, ପାଟନାର ପରିଚୟ ଏକ ନୂଆ ସହର ପାଟଳିପୁତ୍ର ଭାବରେ ହେବା ଉଚିତ । ଅନେକ ଲୋକ ଏହାକୁ ନେଇ ପ୍ରଶ୍ନ ଉଠାନ୍ତି ଯେ, ଏହା ମଗଧର ରାଜଧାନୀ ଥିଲା ଏବଂ ଏହାର ନାମ ପାଟଳିପୁତ୍ର ଥିଲା । ତେଣୁ ଏହାର ନାମ ପରିବର୍ତ୍ତନ କରାଯିବା ଉଚିତ। ସେ ଏହାଠାରୁ ଆହୁରି ବଡ଼ ପଟନାର କଳ୍ପନା କରିଛନ୍ତି ଏବଂ ତାହାର ନାମ ମଧ୍ୟ ପାଟଳିପୁତ୍ର ରଖିବାର କାମ କରିଛନ୍ତି। ସେ କହିଛନ୍ତି ଯେ, ଏବେ ଆଉ କାହାରି କୌଣସି ଅସୁବିଧା ହେବ ନାହିଁ। ପାଟଳିପୁତ୍ର ନାମଟି ନୂଆ ନୁହେଁ। ବିହାରର ରାଜଧାନୀ ପଟନା ପୂର୍ବରୁ ପାଟଳିପୁତ୍ର ନାମରେ ପରିଚିତ ଥିଲା । ପ୍ରାୟ ୩ ହଜାର ବର୍ଷ ପୂର୍ବେ ଏଠାରେ ବହୁ ସଂଖ୍ୟକ ପାଟଳି ଗଛ ଥିଲା ବୋଲି କୁହାଯାଏ। ସେହି କାରଣରୁ ପ୍ରଥମେ ଏହାର ନାମ ପାଟଳିଗ୍ରାମ ଏବଂ ପରେ ପାଟଳିପୁତ୍ର ହୋଇଥିଲା। ଜ୍ଞାନୀମାନଙ୍କ ମତାନୁସାରେ ପଟନା ଶବ୍ଦଟି 'ପତ୍ତନ' ରୁ ଉତ୍ପନ୍ନ ହୋଇଛି। ୧୭୦୪ ଖ୍ରୀଷ୍ଟାବ୍ଦରେ ଏହାର ନାମ ପରିବର୍ତ୍ତନ କରି ଅଜୀମାବାଦ ରଖାଯାଇଥିଲା, କିନ୍ତୁ ପରେ ପୁଣି ଏହା ପଟନା ହୋଇଗଲା। ସରକାର ବର୍ତ୍ତମାନ ନୂତନ ଟାଉନଶିପର ନାମ ପଟନାର ପୁରୁଣା ନାମ ପାଟଳିପୁତ୍ର ଅନୁସାରେ ରଖିବାକୁ ଯାଉଛନ୍ତି।

# ସରିଲା ନିଟ୍, ୟୁଜି-୨୦୨୬ ପରୀକ୍ଷା

ନୂଆଦିଲ୍ଲୀ,(ଏଜେନ୍ସି): କଡ଼ା ସୁରକ୍ଷା ମଧ୍ୟରେ ଶେଷ ହୋଇଛି ନିଟ୍ ୟୁଜି ପରୀକ୍ଷା। ୫୪୪୦ କେନ୍ଦ୍ରରେ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ସୂଚନ ମିଳିଛି। ପରୀକ୍ଷାକୁ ସୁରକ୍ଷିତ ଏବଂ ସ୍ୱଚ୍ଛ ଭାବେ ସମ୍ପାଦନ କରିବା ପାଇଁ ଦଶବ୍ୟାପୀ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡି କରାଯାଇଥିଲା। ରବିବାର ଅପରାହ୍ନ ୨ଟାରୁ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଦେଶ, ବିଦେଶରେ ଅନୁଷ୍ଠିତ ପରୀକ୍ଷା କେନ୍ଦ୍ରରେ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପରୀକ୍ଷା ପରିଚାଳନାକୁ ନିର୍ବିଘ୍ନ ଏବଂ ସୁରକ୍ଷିତ କରିବା ପାଇଁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇବା ସହ ପ୍ରଶାସନିକସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ପରୀକ୍ଷା କେନ୍ଦ୍ରଗୁଡ଼ିକର ପ୍ରସ୍ତୁତି ଏବଂ ଏହି ପ୍ରକ୍ରିୟା ସହ ସମ୍ପୃକ୍ତ ଥିବା ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ କେତେ ବ୍ୟବସ୍ଥିତ ହୋଇଛି, ତାହା ପରୀକ୍ଷା କରିବା ପାଇଁ ଶନିବାର ମକ ଡ୍ରିଲ କରାଯାଇଥିଲା। ପରୀକ୍ଷା କେନ୍ଦ୍ରଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଛାତ୍ରୀଛାତ୍ରଙ୍କ କାଗଜପତ୍ର ଏବଂ ଡ୍ରେସ କୋଡ ଯାଞ୍ଚ କରାଯାଇଥିଲା। ଶେଷ ମୁହୂର୍ତ୍ତର କୌଣସି ସମସ୍ୟାରୁ ଦୂରେଇ ରହିବା ନିମନ୍ତେ ଏନ୍‌ଟିଏ ଦ୍ୱାରା ଜାରି ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବା ପାଇଁ ପରୀକ୍ଷାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ପରୀକ୍ଷାର୍ଥୀଙ୍କୁ ପୂର୍ବାହ୍ନ ୧୧ଟାରୁ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପାଇଁ ଅନୁମତି ମିଳିଥିଲା। ଅପରାହ୍ନ ୧ଟା ୩୦ରେ ଗେଟ ବନ୍ଦ କରିଦିଆଯାଇଥିଲା। ପରୀକ୍ଷା ଅପରାହ୍ନ ୨ଟାରୁ ଆରମ୍ଭ ହୋଇ ୫ଟା ୧୫ ମିନିଟ ପର୍ଯ୍ୟନ୍ତ ହୋଇଥିଲା। ରଫ କାମ ପାଇଁ ଏଥର ବୁକ୍‌ଲେଟରେ ଛାତ୍ରୀଛାତ୍ରଙ୍କୁ ୪ ପୃଷ୍ଠା ମିଳିଥିବା ସୂଚନା ମିଳିଥିବା ବେଳେ ଯାହାକି ପୂର୍ବରୁ ୨ ପୃଷ୍ଠା ରହିଥିଲା।

## ଶେଷ ହେଲା ଆମେରିକା-ଇରାନ ଯୁଦ୍ଧ



ଆମେରିକା,(ଏଜେନ୍ସି): : ଯୁଦ୍ଧର ହେଲା ଅନ୍ତ । ଆମେରିକା-ଇରାନ ମଧ୍ୟରେ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ। ଯୁଦ୍ଧ ଶେଷ କରିବା ପାଇଁ ଚୁକ୍ତି ସ୍ୱାକ୍ଷର କଲେ ଉଭୟ ଦେଶ। ଚୁକ୍ତିନାମାରେ ସ୍ୱାକ୍ଷର କଲେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଓ ପେଜେସ୍କିଆନ। ଫ୍ରାନ୍ସର ଭର୍ସାଇଲ୍ସଠାରେ ରାତ୍ରୀ ଭୋଜନ ସମୟରେ ରାଷ୍ଟ୍ରପତି ଟ୍ରମ୍ପ ଏହାକୁ ବ୍ୟକ୍ତିଗତ ଭାବେ ସ୍ୱାକ୍ଷର କରିଥିବା ନେଇ ସୂଚନା ରହିଛି। ଉଭୟ ଦେଶ ସେମାନଙ୍କର ସାମରିକ କାର୍ଯ୍ୟକଳାପ ବନ୍ଦ କରିବାକୁ ରାଜି ହୋଇଛନ୍ତି। ଫଳରେ ବନ୍ଦ ହୋଇଥିବା ହର୍ମୁଜ୍ ପ୍ରଣାଳୀ ଖୋଲିବ। ଇରାନ ଉପରେ ଲଗାଯାଇଥିବା ଆର୍ଥିକ କଟକଣାକୁ କିପରି କୋହଳ କରାଯିବ ଏବଂ ଇରାନର ପୁନର୍ଗଠନ ପାଇଁ ପାଣ୍ଠି ଯୋଗାଇବା ନେଇ ମଧ୍ୟ ଏହି ଚୁକ୍ତିରେ ରହିଛି । ଏହା ଏକ ପ୍ରାରମ୍ଭିକ ଚୁକ୍ତି ମାତ୍ର । ଆଗାମୀ ଦୁଇ ମାସ ମଧ୍ୟରେ ସ୍ୱିଜରଲ୍ୟାଣ୍ଡରେ ଅଧିକ ବିସ୍ତୃତ ଆଲୋଚନା ହେବାର ଯୋଜନା ରହିଛି । ଯେଉଁଥିରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ଜଟିଳ ପ୍ରସଙ୍ଗ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ।

# ଭାରତୀୟ ନୌସେନାରେ ସାମିଲ ହେଲା ୩ ଯୁଦ୍ଧ ଜାହାଜ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତୀୟ ନୌସେନାରେ ସାମିଲ ହେଲା ୩ ଯୁଦ୍ଧ ଜାହାଜ। ଆଇଏନଏସ୍ ଅଗ୍ରୟ, ଆଇଏନଏସ୍ ସଂଶୋଧନ ଏବଂ ଆଇଏନଏସ୍ ଦୁନାଗିରିକୁ ଭାରତୀୟ ନୌସେନାକୁ ହସ୍ତାନ୍ତର କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଯାହା ଭାରତୀୟ ନୌସେନାର କାର୍ଯ୍ୟକ୍ଷମ କ୍ଷମତାକୁ ଆହୁରି ମଜବୁତ କରିବ। ପ୍ରଧାନମନ୍ତ୍ରୀ ମୋଦି କୋଲକାତାର ଏକ ବନ୍ଦରରେ କମିଶନିଂ ଉତ୍ସବରେ ଯୋଗ ଦେଇଛନ୍ତି। ଭାରତୀୟ ନୌସେନା ଅଧିକାରୀଙ୍କ ଉପସ୍ଥିତିରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ନୌସେନାରେ ସ୍ୱଦେଶୀ ଭାବରେ ଡିଜାଇନ୍ ଏବଂ ନିର୍ମିତ ତିନୋଟି ନୌସେନା ଜାହାଜକୁ ନିୟୋଜିତ କରିଥିଲେ। ଏହାରି ମଧ୍ୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିକାଶ, ସୁରକ୍ଷା ଏବଂ ସମୃଦ୍ଧି ସମୁଦ୍ର ସହିତ ଜଡିତ। ଏକ ଦେଶର ଆର୍ଥିକ ଏବଂ ରଣନୈତିକ ପ୍ରଭାବ ପାଇଁ ଦୃଢ଼ ସାମୁଦ୍ରିକ କ୍ଷମତା ଏକ ନିର୍ଣ୍ଣାୟକ କାରଣ। ଭାରତ ଏହାକୁ ଭଲ ଭାବରେ ବୁଝେ ଏବଂ ଏଥିପାଇଁ ପ୍ରସ୍ତୁତି କରୁଛି। ସେ ଆହୁରି କହିଛନ୍ତି ଯେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ କେବଳ କ୍ରେତା ହୋଇ ରହିବାକୁ ଚାହୁଁନାହିଁ। ଆମର ସଶସ୍ତ୍ର ବାହିନୀ ବିଶ୍ୱ ପାଇଁ କେବଳ ଏକ ବଜାର ହୋଇ ରହିପାରିବ ନାହିଁ। ତେଣୁ, କ୍ଷେପଣାସ୍ତ୍ର ଏବଂ ଯୁଦ୍ଧଜାହାଜ ନିରନ୍ତର ଘରୋଇ ଭାବରେ ନିର୍ମାଣ କରାଯାଉଛି। ଏଥିସହ ଭାରତ ଏକ ନିର୍ମାତା ହେବାକୁ ଚାହୁଁଛି, ଏବଂ ଯେଉଁଦିନ ଆମେ ନିର୍ମାତା ହେବୁ, ଆମେ ମଧ୍ୟ ଏକ ନିଷ୍ପତ୍ତି ନିର୍ମାତା ହୋଇଯିବୁ। ଆମେ ଏହି ଦିଗରେ ଦ୍ରୁତ ଗତିରେ ଆଗକୁ ବଢୁଛୁ। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ୪୦ ରୁ ଅଧିକ ନିର୍ମିତ ଭାରତ ଯୁଦ୍ଧଜାହାଜ ଏବଂ ବୁଡ଼ାଜାହାଜ ନୌସେନାରେ ସାମିଲ ହୋଇଛି। ଏହାର ଅର୍ଥ ହେଉଛି ଭାରତୀୟ ନୌସେନା ପ୍ରାୟ ପ୍ରତି କିଛି ସପ୍ତାହରେ ଏକ ନୂତନ ଶକ୍ତି ହାସଲ କରୁଛି ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ, ୪୫ ଟି ପ୍ରମୁଖ ନୌସେନା ପ୍ଲାଟଫର୍ମ ନିର୍ମାଣ କରାଯାଉଛି। ଏହା କେବଳ ଏକ ସଂଖ୍ୟା ନୁହେଁ। ଏହା ଭାରତର ଶିଳ୍ପ କ୍ଷମତାର ପ୍ରମାଣ। ଏହା ଭାରତର ଭବିଷ୍ୟତର ଏକ ସଙ୍କେତ । ଅନ୍ୟପଟେ ଏହି ୩ ଟି ଜାହାଜର କ୍ଷମତା ସମ୍ପର୍କରେ ଚିହ୍ନଟ କରାଯାଇଛି । ଓଘଝ ଅଗ୍ରୟ ହେଉଛି ଏକ ସବମେରିନ୍-ବିରୋଧୀ ଯୁଦ୍ଧ ଅଗଭୀର ଜଳଯାନ ଯାହା ଉପକୂଳ ଏବଂ ଅଗଭୀର ଜଳରେ କାର୍ଯ୍ୟରତ ଶତ୍ରୁ ସବମେରିନ୍ ?କୁ ଚିହ୍ନଟ କରିବ । ଟ୍ରାକ୍ ଏବଂ ଧ୍ୱଂସ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ଜାହାଜଟି ଉନ୍ନତ ସୋନାର୍ ସିଷ୍ଟମ୍, ସବମେରିନ୍-ବିରୋଧୀ ରକେଟ୍, ଟର୍ପେଡୋ ଏବଂ ଏକ ୩୦-ମିମି ନୌସେନା ବନ୍ଧୁକ ସହିତ ସଜ୍ଜିତ ହୋଇଛି। ଏଥିରେ ଥିବା ମାଇନ୍ ଡିଜାଇନ୍ ଭାରତର ଉପକୂଳ ପ୍ରତିରକ୍ଷା କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିଥାଏ। ସେହିପରି ଓଘଝ ସଂଶୋଧନ ହେଉଛି ଏକ ଅତ୍ୟାଧୁନିକ ହାଇଡ୍ରୋଗ୍ରାଫିକ୍ ସର୍ଭେ ଜାହାଜ। ସମୁଦ୍ର ତଳେ ନକ୍ସା ବନାଇବା, ହାଇଡ୍ରୋଗ୍ରାଫିକ୍ ସର୍ଭେ କରିବା, ସୁରକ୍ଷିତ ନାଭିଗେସନ୍ ରୁଟକୁ ଚିହ୍ନଟ କରିବା ଏବଂ ଜରୁରୀ ସମୁଦ୍ରଗ୍ରାଫିକ୍ ତଥ୍ୟ ପ୍ରଦାନ କରିବା ହେଉଛି ଏହି ଜାହାଜର ପ୍ରାରମ୍ଭିକ କାମ । ଓଘଝ ଦୁନାଗିରି ହେଉଛି ଭାରତୀୟ ନୌସେନାର ପ୍ରୋଜେକ୍ଟ ୧୭ଇ ଅନ୍ତର୍ଗତ ଏକ ପ୍ରମୁଖ ଯୁଦ୍ଧଜାହାଜ ଏବଂ ଏହା ଉନ୍ନତ ନୀଳଗିରି-ଶ୍ରେଣୀର ଷ୍ଟେଲଥ୍ ଗାଇଡେଡ୍ ମିସାଇଲ୍ ଫ୍ରିଗେଟ୍ ଶ୍ରେଣୀର ଏକ ଅଂଶ। ଏହି ଜାହାଜଟି ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ ମିସାଇଲ୍, ବାରାକ-୮ ମଧ୍ୟମ ଦୂରଗାମୀ ପୃଷ୍ଠରୁ ଆକାଶ କ୍ଷେପଣାସ୍ତ୍ର ପ୍ରଣାଳୀ, ଟର୍ପେଡୋ ଏବଂ ଅନ୍ୟାନ୍ୟ ଉନ୍ନତ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ସହିତ ସଜ୍ଜିତ। ବହୁ-ଭୂମିକା କାର୍ଯ୍ୟ ପାଇଁ ଡିଜାଇନ୍ କରାଯାଇଥିବା ଏହି ଜାହାଜ ବାୟୁ ପ୍ରତିରକ୍ଷା, ପୃଷ୍ଠ ଯୁଦ୍ଧ ଏବଂ ସବମେରିନ୍ ବିରୋଧୀ ଯୁଦ୍ଧ ମିଶନ୍ କରିବାକୁ ସକ୍ଷମ।

# ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ‘ରାଇରଙ୍ଗପୁର ପୋଲିସ ଜିଲ୍ଲା’ ଉଦ୍‌ଘାଟିତ



ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ପୋଲିସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ଜନମୁଖୀ ଓ କାର୍ଯ୍ୟକ୍ଷମ କରିବା ଦିଗରେ ଏକ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଛି। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆନୁଷ୍ଠାନିକ ଭାବେ ‘ରାଇରଙ୍ଗପୁର ପୋଲିସ ଜିଲ୍ଲା’ର ଉଦ୍‌ଘାଟନ କରିଛନ୍ତି। ଏହି ଗୌରବମୟ ଅବସରରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି , ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ରାଇରଙ୍ଗପୁର ବିଧାୟକ ଶ୍ରୀ ଜୋଲେନ ନାଏକ, କରଞ୍ଜିଆ ବିଧାୟକ ଶ୍ରୀ ପଦ୍ମଚରଣ ହାଇବୁରୁ ଏବଂ ସାରସକଣା ବିଧାୟକ ଭଦବ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ପୂର୍ବାଞ୍ଚଳ ରେଞ୍ଜ ଡି.ଆଇ.ଜି. ପିନାକ ମିଶ୍ର, ମୟୂରଭଞ୍ଜ ଏସ୍.ପି. ବରୁଣ ଗୁଣ୍ଟୁପାଲି, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାଏ, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା ଏବଂ ରାଇରଙ୍ଗପୁର ଏସ୍.ପି. ସୁରେଶ କୁମାର ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶା ସରକାରଙ୍କ ଦ୍ୱାରା ଅଗଷ୍ଟ ୨୦୨୫ରେ ପୂର୍ବତନ ମୟୂରଭଞ୍ଜ ପୋଲିସ ଜିଲ୍ଲାର ପୁନର୍ଗଠନ କରାଯାଇ ରାଇରଙ୍ଗପୁର ପୋଲିସ ଜିଲ୍ଲା ସୃଷ୍ଟି କରାଯାଇଥିଲା। ଆଜିର ଉଦ୍‌ଘାଟନ ପରେ ଏହି ପୋଲିସ ଜିଲ୍ଲା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଛି। ନୂତନ ପୋଲିସ ଜିଲ୍ଲା ଅଧୀନରେ ୨ଟି ପୋଲିସ ଉପଖଣ୍ଡ ଓ ୧୪ଟି ଥାନା ରହିଛି, ଯାହା ଦ୍ୱାରା ଜନସାଧାରଣଙ୍କୁ ଅଧିକ ଦ୍ରୁତ, ସହଜ ଓ ଗୁଣାତ୍ମକ ପୋଲିସ ସେବା ପ୍ରଦାନ ସମ୍ଭବ ହେବ। ରାଇରଙ୍ଗପୁର ପୋଲିସ ଜିଲ୍ଲାର ଶୁଭାରମ୍ଭ ଓଡ଼ିଶା ପୋଲିସର ଜନସେବା, ଜନସୁରକ୍ଷା ଓ ଉତ୍ତମ ଶାସନ ପ୍ରତି ଅତୁଟ ପ୍ରତିବଦ୍ଧତାର ଆଉ ଏକ ମାଇଲଖୁଣ୍ଟ। ଏହା ଦ୍ୱାରା ଅଞ୍ଚଳରେ ଆଇନ-ଶୃଙ୍ଖଳା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବା ସହ ଅପରାଧ ନିୟନ୍ତ୍ରଣ, ତ୍ୱରିତ ପୋଲିସ ପ୍ରତିକ୍ରିୟା ଏବଂ ଲୋକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ନୂତନ ଦିଗ ପ୍ରଦାନ କରିବ। ଓଡ଼ିଶା ପୋଲିସ ସର୍ବଦା ‘ଜନସେବା ଓ ଜନସୁରକ୍ଷା’କୁ ସର୍ବୋଚ୍ଚ ପ୍ରାଥମିକତା ଦେଇଆସିଛି। ରାଇରଙ୍ଗପୁର ପୋଲିସ ଜିଲ୍ଲାର ଶୁଭାରମ୍ଭ ଏହି ଲକ୍ଷ୍ୟକୁ ଆହୁରି ସୁଦୃଢ଼ କରିବା ସହ ଲୋକମାନଙ୍କ ମଧ୍ୟରେ ପୋଲିସ ପ୍ରତି ବିଶ୍ୱାସ ଓ ଆସ୍ଥାକୁ ଅଧିକ ସୁଦୃଢ଼ କରିବ।

## ପି.ଏମ୍. କିଷାନ ଉତ୍ସବ ଦିବସ

# ଜିଲ୍ଲା ସ୍ତରୀୟ ଜୈବିକ କୃଷି କର୍ମଶାଳା



ଢେଙ୍କାନାଳ, (ଜା.ପ୍ର): ପି.ଏମ. କିଷାନ ଉତ୍ସବ ଦିବସ ଉପଲକ୍ଷେ ଆଜି ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲ୍‌ଠାରେ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପି.ଏମ୍ କିଷାନ ଉତ୍ସବ ଦିବସ ପାଳନ ଅବସରରେ ପଶ୍ଚିମ ବଙ୍ଗ, ହୁଗୁଳିର ତାରକେଶ୍ୱରଠାରେ ଆୟୋଜିତ ଉତ୍ସବ ସ୍ଥଳୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ୩୪.୬ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଭାଇଭଉଣୀମାନଙ୍କୁ ପି ଏମ୍ କିଷାନ ସମ୍ମାନନିଧି ଯୋଜନାରେ ୨ ହଜାର ଟଙ୍କା ଲେଖାଏଁ ୨୩ତମ କିସ୍ତି ଡ଼ି. ବି. ଟି. ମାଧ୍ୟମରେ ପ୍ରଦାନ କରିଛନ୍ତି। ଏଥିରେ ଜିଲାର ୧ ଲକ୍ଷ ୪ ହଜାର ୬୬୨ ଜଣ କୃଷକ ଭାଇ ଭଉଣୀ ଏହି କିସ୍ତି ଅର୍ଥରାଶି ପାଇଛନ୍ତି। ଅପରାହ୍ନରେ ଆୟୋଜିତ ଉତ୍ସବରେ ଜିଲା ପରିଷଦର ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର ସହିତ ପ୍ରାକୃତିକ ଉପାୟରେ ଜୈବ କୃଷି ପ୍ରତି ଆକୃଷ୍ଟ ହେବାକୁ ଆହ୍ୱାନ ଦେଇଥିଲେ। ଏହା ଦ୍ୱାରା ଆମ ସମସ୍ତଙ୍କର ସ୍ୱାସ୍ଥ୍ୟ ଓ ସାମାଜିକ ସ୍ତରରେ ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସାଂସଦଙ୍କ ପ୍ରତିନିଧି ନରେଶ ଚ଼ନ୍ଦ୍ର ମହାପାତ୍ର, ଜିଲ୍ଲା କୃଷକ ମୋର୍ଚ୍ଚାର ସଂପାଦକ ଅରୁଣ କୁମାର ନାୟକ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଶ୍ରୀ ବିମଳେନ୍ଦୁ ମହାନ୍ତି, ଉଦ୍ୟାନ କୃଷିର ଉପ-ନିର୍ଦ୍ଦେଶକ ଦେବବ୍ରତ ରାଉତ୍ ରାୟ, ସମବାୟ ସମିତି ଉପ-ନିବନ୍ଧକ ଉମା ଶଙ୍କର ଦାସ, ଜଳ ବିଭାଜିକାର ପି.ଡ଼ି. ସନତ କୁମାର ନାୟକ, ମୁଖ୍ୟ ପ୍ରାଣୀ ସଂପଦ ଅଧିକାରୀ ପ୍ରଭାସ ଚ଼ନ୍ଦ୍ର ବେହେରା, ଫାଉଣ୍ଡେସନ୍ ଅଫ୍ ଇକୋଲୋଜିକାଲ ସିକ୍ୟୁରିଟିର ଡିଷ୍ଟ୍ରିକ୍ଟ କୋଡ଼ିନେଟର ପ୍ରଣବ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତଙ୍କୁ ସ୍ୱାଗତ ଜଣାଇ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜୈବିକ କୃଷିର ମୂଳ ଧାରଣା ଓ ଏହାର ଗୁରୁତ୍ୱ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଜୈବ ସାର ଓ ଜୈବ କୀଟନାଶକର ବ୍ୟବହାର, ପ୍ରାକୃତିକ ଉପାୟରେ ଚାଷ କାର୍ଯ୍ୟ ପ୍ରଣାଳୀ ଓ ଉତ୍ପାଦନ ବୃଦ୍ଧି ଏବଂ ବଜାର ସୁଯୋଗ ଦ୍ୱାରା ଉପାର୍ଜନ ବୃଦ୍ଧି ସଂପର୍କରେ ଆଲୋକପାତ କରିଥିଲେ। ଜୈବ କୃଷି ଉତ୍ପାଦ ସ୍ୱାସ୍ଥ୍ୟ ପ୍ରଦାୟକ ଓ ଆୟୁଷ ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲ୍ଲାରେ ପ୍ରାକୃତିକ ଜୈବ କୃଷି କାର୍ଯ୍ୟ କରି ଅନନ୍ୟ ସଫଳତା ହାସଲ କରିଥିବା କୃଷକ ଭାଇ ଭଉଣୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବରିଷ୍ଠ ବୈଜ୍ଞାନିକ ଶ୍ରୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳବିଭାଜିକା ପ୍ରକଳ୍ପର ମହାଘୋଟାଲା ପୁରୁଣା ପୋଖରୀ ଦେଖାଇ ଲକ୍ଷାଧିକ ଟଙ୍କା ହଡ଼ପ ତଦନ୍ତ ପାଇଁ ଦାବି

ଢେଙ୍କାନାଳ / କଙ୍କଡ଼ାହାଡ଼,(ଜା.ପ୍ର): ଜଳ ବିଭାଜିକା ପ୍ରକଳ୍ପରେ ଦିନକୁ ଦିନ ଦୁର୍ନୀତି ବଢ଼ିବାରେ ଲାଗିଛି। କିଛି ମାସ ପୂର୍ବରୁ ଜରଡା ଦେହୁରୀ ହତାରେ ଏମିତି ଦୁର୍ନୀତି ମାମଲାରେ କିଛି ସରକାରି ଅଧିକାରୀ ନିଲମ୍ବିତ ହୋଇ ଥିବା ବେଳେ ତଥାପି ଟଙ୍କା ଲୋଭରେ ପଡ଼ି ବାରମ୍ବାର ଦୁର୍ନୀତି କରିଚାଲିଛନ୍ତି। ସୂଚନା ଥାଉକି ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ପଙ୍ଗାତିରା ପଞ୍ଚାୟତ ଅନ୍ତର୍ଗତ ପଙ୍ଗାତିରା ଗ୍ରାମକୁ ନେଇ ଗଠିତ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାକମିଟି ଗଠନ ହୋଇଥିଲା। ପଙ୍ଗାତିରା ବରଘାଇ ନାଳ (୨) ଜଳବିଭାଜିକା ଏହି କମିଟି ପାଞ୍ଚରୁ ଛଅ ଥର ପରେ ସଠିକ୍ ଚାଷୀଙ୍କୁ ନ ନେଇ କମିଟି ତରବରିଆ ଭାବେ ଗଠନ କରାଯାଇଛି। ଯାହା କମିଟି ସଦସ୍ୟଙ୍କୁ ନ ଡାକି ଥରେ ମଧ୍ୟ ମିଟିଙ୍ଗ ନକରି ମନ ଇଚ୍ଛା ସରକାର ଅଧିକାରୀ କାର୍ଯ୍ୟ କରିଛନ୍ତି। ସୂଚନା ଥାଉକି ଗ୍ରାମର ଚାଷୀଙ୍କୁ ଆତ୍ମନିଭର କରିବା ପାଇଁ ପି ଏସ ଏମ ଇ ବାବଦକୁ ଛେଳି ଚାଷ, କୁକୁଡ଼ା ପାଳନ, ପନିପରିବା ଚାଷ ପାଇଁ ସରକାରଙ୍କ ତରଫରୁ ୧୬୦୦୦ଟଙ୍କା ପ୍ରଦାନ କରାଯାଇଥିଲା ! ଯେଉଁ ହିତାଧିକାରୀ ପାଇବା ଯୋଗ୍ୟ ସେମାନଙ୍କୁ ଦିଆ ନଯାଇ ଯେଉଁ ମାନେ ସେହି ଜଳ ବିଭାଜିକା ଏରିଆରେ ଆସୁ ନାହାନ୍ତି ସେମାନେ ଏହାର ଫାଇଦା ନେଉଛନ୍ତି। ସବୁଠାରୁ ରୋଚକ କଥା ଗ୍ରାମରେ ଥିବା ପୁରୁଣା ପୋଖରୀକୁ ନୂଆ ଦର୍ଶାଇ ମିଥ୍ୟା ବିଲ୍ ଜଳବିଭାଜିକା ତରଫରୁ କରାଯାଇଛି। ଯାହାଫଳରେ କେତେ ବିଲ ହୋଇଛି ଜଳ ବିଭାଜିକା ପ୍ରକଳ୍ପର ନୁତନ ପୋଖରୀ ତିଆରି ହେବା କଥା ପୁରୁଣା ପୋଖରୀ କିଛି କାର୍ଯ୍ୟ କରି ନୁତନ ପୋଖରୀ ଟଙ୍କା ବିଲ୍ ହୋଇଥିବା ଅଭିଯୋଗ ହୋଇଛି ଏବଂ ଅନ୍ୟପଟେ ମନରେଗା ଯୋଜନାରେ ସେଇ ପୋଖରୀକୁ ଖୋଳା ଯାଇଥିଲା। ଅନ୍ୟପଟେ ଗ୍ରାମବାସୀ ଚେତାବନୀ ଦେଇ କହିଛନ୍ତି ଏହି ଜଳ ବିଭାଜିକା ପ୍ରକଳ୍ପରେ ଯାହା ଦୁର୍ନୀତି ହୋଇଛି ଟଙ୍କା ଫେରସ୍ତ କରାନଗଲେ ଆଗକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେବୋଲି କହିଛନ୍ତି ଗ୍ରାମବାସୀ। ଏ ବିଷୟରେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରିଣୀ ମାନା ନାୟକଙ୍କୁ ବାରମ୍ବାର ଫୋନ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ ରିସିଭ କରି ନଥିଲେ। ଯାହା ଫଳରେ ତଦନ୍ତ ପାଇଁ ଦାବୀ କରିଛନ୍ତି ଗ୍ରାମବାସି ଏହାର ଦୁର୍ନୀତି ସତ୍ୟାସତ୍ୟ ପଦାକୁ ଆସିବ ଆଗକୁ।



# ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି ଅମାନୁଷିକତା ବିରୋଧରେ ଗର୍ଜିଲା ଢେଙ୍କାନାଳ ସରପଞ୍ଚ ସଂଘ

ଢେଙ୍କାନାଳ, (ଜା.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ପଞ୍ଚାୟତ ସମିତି ଅଧୀନ ତିଖିରି ଗ୍ରାମପଞ୍ଚାୟତର ମହିଳା ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି ହୋଇଥିବା ଅମାନୁଷିକ କାର୍ଯ୍ୟକଳାପ ବିରୋଧରେ ଢେଙ୍କାନାଳ ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଛି। ଏହି ଘଟଣାରେ ମହାମହିମ ରାଜ୍ୟପାଳଙ୍କ ହସ୍ତକ୍ଷେପ ନିମନ୍ତେ ସଂଘ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ଧାରଣା ଦେବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛି। ଘଟଣାରୁ ପ୍ରକାଶ ଯେ, ତିଖିରି ପଞ୍ଚାୟତର କାର୍ଯ୍ୟରତ ମହିଳା ସରପଞ୍ଚ ଚାମେଲି ଓଝା ଗତ ୧୧.୦୬.୨୦୨୬ ରିଖରେ ନିଜ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ପାଇଁ ମହାକାଳପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଆଲୋଚନା ଚାଲିଥିବା ସମୟରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଅନ୍ୟ କେତେକ ବ୍ୟକ୍ତିବିଶେଷ ସରପଞ୍ଚଙ୍କୁ କଟୁଭାଷା ପ୍ରୟୋଗ କରିବା ସହ ତାଙ୍କ ବିରୋଧରେ ପୁଲିସକୁ ଡାକି ମିଥ୍ୟା ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ମହାକାଳପଡ଼ା ପୁଲିସ ପହଞ୍ଚି ସମାଧାନ କରିବା ପରିବର୍ତ୍ତେ ସ୍ଥିତିକୁ ଆହୁରି ସଙ୍ଗିନ କରିଥିଲା ଏବଂ ଚାମେଲି ଓଝାଙ୍କୁ ଜୋରଜବରଦସ୍ତ ପୁଲିସ ଗାଡ଼ିରେ ବସାଇ ଥାନାକୁ ନେଇଯାଇଥିଲା। ପୁଲିସ ଗାଡ଼ିରେ ନେବା ବେଳେ ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀ ସରପଞ୍ଚଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେବା ସହ ତାଙ୍କୁ ମରଣାନ୍ତକ ଶାରୀରିକ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କ ନାମରେ ମିଥ୍ୟା ମୋକଦ୍ଦମା ରୁଜୁ କରି ତାଙ୍କୁ ଗିରଫ ପୂର୍ବକ କାରାଗାରକୁ ପଠାଇ ଦିଆଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମାନସିକ ଅତ୍ୟାଚାର ଓ ପୁଲିସର ଶାରୀରିକ ନିର୍ଯ୍ୟାତନା ଯୋଗୁଁ ଗୁରୁତର ଅସୁସ୍ଥ ହୋଇପଡ଼ିଥିବା ସରପଞ୍ଚ ଚାମେଲି ଓଝା କାରାଗାର କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଡାକ୍ତରଖାନାରେ ଶଯ୍ୟାଶାୟୀ ଥିଲେ। ଜଣେ କାର୍ଯ୍ୟରତ ଲୋକପ୍ରତିନିଧିଙ୍କ ପ୍ରତି ପୁଲିସର ଏଭଳି ସୁପରିକଳ୍ପିତ ଅମାନୁଷିକତା ସମଗ୍ର ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ଏବଂ ଏହା ଦ୍ୱାରା ଓଡ଼ିଶାର ଆଇନ ବ୍ୟବସ୍ଥା ଉପରୁ ସାଧାରଣ ଜନତାଙ୍କ ଆସ୍ଥା ତୁଟିବାକୁ ବସିଲାଣି, ଯେଉଁଥିପାଇଁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଜରୁରୀ ବୋଲି ସଂଘ ପ୍ରକାଶ କରିଛି।

ଜାତୀୟ ଚେତନା
JATIYA CHETANA

## ଚିନ୍ତା ଓ ଚେତନାରେ 'ଦାରୁବ୍ରହ୍ମ'

ଶ୍ରୀଜଗନ୍ନାଥ ପଞ୍ଚକର ଚତୁର୍ଥ ଶ୍ଳୋକର ଅର୍ଥ ହେଲା, ଶଙ୍ଖକ୍ଷେତ୍ର ମଧ୍ୟ ନୀଳାଚଳଧାମ, ତନ୍ମଧ୍ୟ ଶତଦଳ ପଦ୍ମ, ତନ୍ମଧ୍ୟରୁ ରତ୍ନସିଂହାସନ, ତନ୍ମଧ୍ୟ ସେ ଅବସ୍ଥାନ କରିଛନ୍ତି। ସର୍ବ ଆୟୁଧରେ ସେ ବିଭୂଷିତ, ନୂତନ ମେଘ ପରି ସେ କମନୀୟ, ବଳଭଦ୍ରଙ୍କ ସହ ସେ ଯୁକ୍ତ ଅଛନ୍ତି, ମଧ୍ୟରେ ସୁଭଦ୍ରା ଶୋଭାପାଉଛନ୍ତି ଓ ତାଙ୍କର ବାମପାର୍ଶ୍ୱରେ ଚକ୍ରରାଜ ସୁଦର୍ଶନ ସୁଶୋଭିତ, ସ୍ତୁତି, ବ୍ରହ୍ମା, ରୁଦ୍ରାଦି ଦେବଗଣ ସାହାଯ୍ୟର ବନ୍ଦନା କରୁଛନ୍ତି, ସମସ୍ତ ବେଦର ସେ ସାରଭୂତ ଅଟନ୍ତି, ସୃଜନ ଓ ଭଞ୍ଜନକର୍ତ୍ତା ଦ୍ୱାରା ସେ ପରିବେଷ୍ଟିତ ହୋଇଛନ୍ତି, ସେ ହେଉଛନ୍ତି ପୂର୍ଣ୍ଣ ପରଂବ୍ରହ୍ମ, 'ଦାରୁବ୍ରହ୍ମ'। ଏହି 'ବ୍ରହ୍ମଦାରୁ' ବା 'ଦାରୁବ୍ରହ୍ମ'ଙ୍କର ପରିଚୟ କେଉଁ ଅନାଦି କାଳରୁ ଐତିହାସିକ ଚିନ୍ତା ସୃଷ୍ଟି କରି ସାଧୁ, ସନ୍ଥ, ଜ୍ଞାନୀ, ବିଜ୍ଞାନୀ, ଆଚାର୍ଯ୍ୟ ଓ ଭକ୍ତଙ୍କୁ ବିସ୍ମୟାଭୂତ କରୁଛି, ତାହା ସଠିକ୍ ଭାବେ ବର୍ଣ୍ଣନା କରିବା ସମ୍ଭବ ନୁହେଁ। 'ଦାରୁବ୍ରହ୍ମ' କହିଲେ, ଓଡ଼ିଆ ଜାତି କେବଳ ଜଗନ୍ନାଥଙ୍କୁ ହିଁ ବୁଝେ। ପ୍ରତି ଓଡ଼ିଆ ପ୍ରାଣର ଆସ୍ଥା ଓ ବିଶ୍ୱାସର କେନ୍ଦ୍ରବିନ୍ଦୁ, ପ୍ରତି ହୃଦୟର ସ୍ପନ୍ଦନ, ଓଡ଼ିଆ ଘରର ମୁରବି, ଦୁଃଖ କଷ୍ଟରେ ନିତ୍ୟ ପ୍ରତିଧ୍ୱନିତ କରେ ସେହି ଚାରୁ ଦେବତା ଜଗନ୍ନାଥଙ୍କ ପବିତ୍ର ନାମ। ଶୃଙ୍ଖଳା ନିମ୍ନ ଗର୍ଭରେ ନିର୍ମିତ ଅର୍ଚ୍ଚାବିଗ୍ରହ, ପାଦ ବିହୀନ, ଅପଲକ ଚକ୍ଷୁ, ନାସା, କର୍ଣ୍ଣ ଶୂନ୍ୟ, ସୁରୂପିତ, ସୁଗଠିତ ଦେବତାଙ୍କୁ ପଣ୍ଡିତମାନେ 'ଦାରୁବ୍ରହ୍ମ' ବୋଲି ମାନ୍ୟତା ଦେଇ-ଅଛନ୍ତି। କିମ୍ବଦନ୍ତୀ କହେ, 'ଦାରୁବ୍ରହ୍ମ' ବିଭିନ୍ନ ରୂପଧାରଣ କରି, ବିଭିନ୍ନ ସମୟରେ ଲୋକଙ୍କ ମଧ୍ୟରେ ମାୟା ସୃଷ୍ଟି କରେ। ଏହାଦ୍ୱାରା ମାନବର ଚିନ୍ତା ଓ ଚେତନା ଆଲୋଡ଼ିତ ହୋଇ ରୂପାନ୍ତରିତ ହୁଏ। ଅଚିନ୍ତ୍ୟ, ଅଦର୍ଶନୀୟ, ଅକଳ୍ପନୀୟ, ଅସୀମିତ ସେ ଲୀଳାମୟ ଦାରୁବ୍ରହ୍ମ। କେତେବେଳେ ସେ ସାଧକ ରୂପରେ, କେତେବେଳେ ଗୁରୁ, ଚଣ୍ଡାଳ, ଆଉ କେତେବେଳେ ହେତୁରୂପରେ ତ ପୁଣି ଶୂନ୍ୟ ପୁରୁଷ, କେତେବେଳେ ଭକ୍ତ ରଙ୍ଗରେ ଧରା ସଖା, ସହଚର ଭାବେ ଉଭାହୁଅନ୍ତି ତ ଆଉ କେତେବେଳେ ଗୋପାଳଙ୍କ ମେଳରେ ବାଳଗୋପାଳ ବେଶରେ ନୃତ୍ୟ କରେ। ପୁଣି ଶୋଭା ରାଜକୁମାର ବେଶରେ ମାଣିକ ଗଉଡୁଣୀ ହାତରୁ ଦହି ପାନ କରେ ତ ଆଉ କେତେବେଳେ, ଶୁଣ୍ଡିରେ କାରାଗାର ବରଣ ଜିଏ ବିଦ୍ୟାବତୀ ହାତରୁ ମୃଗ ମାଂସ ପତ୍ରପୋଡ଼ା ଖାଇଥାଏ। ଆଉ କେଉଁଠି ମହାପ୍ରସାଦ ଥାଳି ଭୋଗି ଭକ୍ତ ପାଖକୁ ଯାଏ ତ, କେତେବେଳେ ଅନନ୍ତ ଚକ୍ରର ରଥ ଉପରେ ଉପବେଶନ କରେ। ଦାସିଆ ନାମରେ ବାଉରୀ ହାତରୁ ନଡ଼ିଆ ଖାଏ ତ ଆଉ କେଉଁଠି ଛେଣ୍ଡୁଣ୍ଡି ଶାଳ ଲୁଟି ପଳାଏ। କେତେବେଳେ ସେ, ଦରିଦ୍ର ବନ୍ଧୁଙ୍କ ରଙ୍ଗଙ୍କୁ ରାଜା କରିଦିଏ ତ ଆଉ କେଉଁଠି ଭକ୍ତ ପାଇଁ ରଥ ଉପରେ ହସି ଅପେକ୍ଷା କରେ। ଓଡ଼ିଆଜାତି ସକଳ ଦେବତାଙ୍କ ସମାହାର, ଦାରୁରୂପୀ ମର୍ଯ୍ୟାଦା ପୁରୁଷୋତ୍ତମଙ୍କୁ ଶ୍ରୀଜଗନ୍ନାଥ ରୂପେ ଆରାଧନା କରେ। ପ୍ରଭୁଙ୍କର ଅଲୌକିକ ମହିମାର ପଟାନ୍ତର ମିଳେ ନାହିଁ। ଏହା କେବଳ ଭାବକୁ ନିକଟ କରାଏ। ଗୋଟିଏ ନାହିଁ ପଦବନ୍ଧୀରେ ଥାଳିମାରେ। କାନ ନଥିଲେ ବି ଦୂରରୁ ଡାକ ଶୁଣିପାରେ। ନାକ ନାହିଁ, କିନ୍ତୁ ସ୍ୱାଦିଷ୍ଟ ପଦ୍ଧତି ଅନ୍ନ ବ୍ୟଞ୍ଜନ, ପିଠାପଣା ସବୁ ଶୁଙ୍ଘିପାରେ। ଜିଭ ନଥିଲେ ମଧ୍ୟ ସବୁ ଓଡ଼ିଶୀ ଗୀତ ଗାଇପାରେ। ଆଖିର ପଲକ ପଡ଼େନି କିନ୍ତୁ ସବୁ ଦେଖିପାରୁଛି। ଶ୍ରୀ ଜଗନ୍ନାଥ ଦାରୁମୂର୍ତ୍ତି ଅତ୍ୟନ୍ତ ଅଭେଦ ତତ୍ତ୍ୱ, ମନ୍ତ୍ର, ଯନ୍ତ୍ର, ତନ୍ତ୍ର ସବୁ ସେଥିରେ ଗୁପ୍ତ। ପ୍ରାଚୀନ ଗବେଷଣ ସୂତ୍ରରେ ଶ୍ରୀଜଗନ୍ନାଥ ଥିଲେ ବୋଲି ପ୍ରମାଣ ମିଳେ।

ମହାଭାରତରେ କଥିତ ଅଛି, ଶ୍ରୀକୃଷ୍ଣଙ୍କର ଦେହତ୍ୟାଗ ପରେ ଅର୍ଜୁନ ତଦନ କାଠରେ କୃଷ୍ଣଙ୍କର ଦାହ ସଂସ୍କାର କରିଥିଲେ। କିନ୍ତୁ ପିଣ୍ଡ ଅପୋଡ଼ା ରହିଲା। ଆକାଶବାଣୀ ହେଲା, 'ହେ ଅର୍ଜୁନ ପିଣ୍ଡ ଦଗ୍ଧ କରନାହିଁ, ଏହି ପିଣ୍ଡକୁ ମହୋଦଧିରେ ବିସର୍ଜନ କରିଦିଅ। ଏହି ପିଣ୍ଡ 'ଦାରୁ ବ୍ରହ୍ମ' ରୂପରେ କଳିଯୁଗରେ, ନୀଳାଚଳ ଧାମରେ ପୂଜିତ ହେବେ।' ଅର୍ଜୁନ, ସେହି ଅପୋଡ଼ାପିଣ୍ଡକୁ ଜଳରେ ଭସାଇଦେଲେ। ଜରାଶବର ଦ୍ୱାରା ଶରବିଦ୍ଧ ଶ୍ରୀକୃଷ୍ଣଙ୍କ ଦେହ ଆଜି ଦାରୁବ୍ରହ୍ମ ରୂପରେ ଜଗନ୍ନାଥ ନାମ ଦେଖାଇ ଶ୍ରୀକ୍ଷେତ୍ରରେ ନିତ୍ୟ ଦର୍ଶନ ଦେଉଛନ୍ତି। ସେଥିପାଇଁ ଏହି ବ୍ରହ୍ମ ସମ୍ବନ୍ଧରେ ମହାପୁରୁଷମାନେ, ଯୋଗୀନ୍ଦ୍ର ସିଦ୍ଧଗଣ ନାନା ବିଚାର କରି ମଧ୍ୟ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିନାହାନ୍ତି। ଶେଷରେ ବ୍ରହ୍ମଦାରୁ ନିକଟରେ ଶରଣପଶି, ନିତ୍ୟ ଦର୍ଶନ, ଅନୁଭବ ସିଦ୍ଧ ହୋଇ ନିଜକୁ କୃତକୃତ୍ୟ ମନେ କରୁଛନ୍ତି। କେତେ ଧର୍ମ ଯାଜକ, ବହୁ ଆଚାର୍ଯ୍ୟ, କେତେ ଅଦ୍ୱୈତ ବାଦ, ଦ୍ୱୈତ ବାଦ, ବିଶିଷ୍ଟ, ଗୌଡୀୟ, ଶୈବ, ଶାକ୍ତ, 'ବ୍ରହ୍ମ' ପରିପ୍ରେକ୍ଷୀରେ ତେଜି ହେଲେ ଦାରୁବ୍ରହ୍ମଙ୍କର ସ୍ୱରୂପ ତତ୍ତ୍ୱ ରହସ୍ୟକୁ ସମ୍ପୂର୍ଣ୍ଣଭାବେ ଉନ୍ମୋଚନ କରପାରି ନାହାନ୍ତି। କିନ୍ତୁ ଜନପ୍ରିୟ ଧାରଣା ହେଲା, ଅଦ୍ୱୈତବାଦ ମତରେ ଜୀବ ଓ ବ୍ରହ୍ମ ଏକ। ଜଗତ ବ୍ରହ୍ମମୟ, କେବଳ ବ୍ରହ୍ମ ହେଉଛନ୍ତି ବିରାଟ ପୁରୁଷ, ପରମେଶ୍ୱର, ନିରାକାର ପରଂବ୍ରହ୍ମ। କିନ୍ତୁ ମନରେ ପ୍ରଶ୍ନ ଉଠେ- ପରମେଶ୍ୱର ଭଗବାନ ଦାରୁକୁ ଶରୀରଭାବେ ଚୟନ କଲେ କାହିଁକି ? ଦାରୁ କହିଲେ, କାଠ ବା ଦୃଶ୍ୟ, ଓ ବ୍ରହ୍ମ ହେଉଛନ୍ତି ଅବିନାଶୀ ଚେତନା। ଦୁଇଟି ଭିନ୍ନ ଭିନ୍ନ ବସ୍ତୁ। ଅବିନାଶୀ ଚେତନା ବ୍ରହ୍ମ ସୃଷ୍ଟି ଆରମ୍ଭରୁ ଥିଲେ। ସେତେବେଳେ ଚେତନାଯୁକ୍ତ ବ୍ରହ୍ମ ଦାରୁରେ ସଂଯୁକ୍ତ ହେଲେ, ତାହା 'ଦାରୁବ୍ରହ୍ମ' ରୂପେ ପଦବାଚ୍ୟ ହେଲା। ଦାରୁବ୍ରହ୍ମ କେଉଁ ଅନାଦି କାଳରୁ ଶବର ଦ୍ୱାରା ପୂଜିତ ହେଉଥିଲେ। ଅବିନାଶୀ ବ୍ରହ୍ମ, ସମଗ୍ର ଚେତନାର ମୁଖ୍ୟ ସ୍ୱରୂପ। ଦାରୁବ୍ରହ୍ମ ରୂପୀ ଭଗବାନ ଓ ଜଗନ୍ନାଥ ଆମ୍ଭମାନଙ୍କର ଚେତନାକୁ ଜାଗ୍ରତ କରିବାକୁ ପ୍ରୟାସ କରି ଏହି ଦାରୁରୂପ ଗ୍ରହଣ କରିଛନ୍ତି। ସେ ଆମକୁ ସନ୍ଦେଶ ଦେଉଛନ୍ତି ସୂର୍ଯ୍ୟ ଯେପରି ସକଳ ଶକ୍ତିର ଆଧାର। ସେହିଭଳି ବୃକ୍ଷ ଆମର ପ୍ରାଣର ଆଧାର। ଭୂମି, ପାଣି, ପବନ, ଅଗ୍ନି, ଆକାଶ ଆଦି ପଞ୍ଚତତ୍ତ୍ୱ ଜୀବନ ସତ୍ତାକୁ ଧାରଣ କରିଛି। ଏହି ପାଞ୍ଚ 'ଦାରୁ ରୂପ' ରୂପରେ ଦୃଶ୍ୟତାକୁ ପ୍ରାପ୍ତ ହେଉ। ସାଧାରଣ ମନୁଷ୍ୟର ସାରା ଦୈନନ୍ଦିନ ଜୀବନରେ ଆବଶ୍ୟକ, ଯଥା- ଖାଦ୍ୟ, ବସ୍ତ୍ର, ବାସଗୃହ, ଗୃହୋପକରଣ, ଔଷଧ ସବୁ ଆମେ କେବଳ ବୃକ୍ଷ ଦେବତାଙ୍କଠାରୁ ପାଉଥାଉ। ବ୍ରହ୍ମାଣ୍ଡ ଦ୍ୱାରା ସୃଷ୍ଟ ସେହି ଆଲୌକିକ ଶକ୍ତି ସମ୍ପନ୍ନ ଦ୍ରୁମ, ଜୀବଜଗତ, ବୃକ୍ଷଜଗତ, ଆକାଶ, ପାତାଳ, ସବିଚାରର କାର୍ଯ୍ୟକ୍ଷମ। ଜଗତରେ ଭାରସାମ୍ୟ ଓ ଶୃଙ୍ଖଳିତ ଧାରାକୁ ସୁଦୃଢ଼ ରଖେ, ତଳେ ଜଳବାୟୁ ସବୁଠାରୁ ଉନ୍ନତ ବୁଝିହୁଏ ଚିନ୍ତା ଓ ଚେତନାଯୁକ୍ତ ମଣିଷ ସୃଷ୍ଟି କଲେ ବ୍ରହ୍ମ। ମଣିଷ ଜାଣିବା ଉଚିତ, ଆମ ଶରୀରକୁ ଆମ ଶରୀରରେ ଥିବା ବ୍ରହ୍ମ, ଚେତନା ଶକ୍ତିକୁ ଚଳିତ କରୁଛି। ଅର୍ଥାତ୍ ଆମେ ସଜୀବ। ସେହିଭଳି ବୃକ୍ଷ ଭିତରେ ମଧ୍ୟ ବ୍ରହ୍ମଚେତନା ତାଙ୍କୁ ସଜୀବ ରଖେ। ସେ ପ୍ରାଣୀ ଜୀବରେ ଅଶେଷ ଉପକାର କରେ ଓ ଜୀବନ ଶକ୍ତି ଭରିଦିଏ। କିନ୍ତୁ ଆଜିର ମନୁଷ୍ୟ ମୂଢ଼, ଏହା ବୁଝିପାରି ନାହିଁ।

# ସ୍ମାର୍ଟ ପାୱାର୍‌ଠାରୁ ମହାରତ୍ନର ପରୀକ୍ଷା

**ପ୍ରବାସିନୀ ମହାନ୍ତି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଭାରତୀୟ ବୈଦେଶିକ ସେବା ବା ଆଇଏଫ୍ଏସ୍‌ର ନିକଟତମ ସମାଲୋଚନାକୁ କେବଳ ଏକ ସାଧାରଣ ପ୍ରଶାସନିକ ଆକ୍ଷେପ ଭାବେ ଗ୍ରହଣ କରାଯାଇ ନପାରେ, ବରଂ ଏହା ହେଉଛି ବଦଳୁଥିବା ବିଶ୍ୱ ପରିପ୍ରେକ୍ଷୀରେ ଏକ ଗଭୀର ନିରାଶାର ସ୍ପଷ୍ଟ ଅଭିବ୍ୟକ୍ତି। ଏହି ଆଭିମୁଖ୍ୟରୁ ଦେଶର ସମଗ୍ର କୂଟନୈତିକ ବ୍ୟବସ୍ଥା ପାଇଁ ଏକ ଶକ୍ତ ତଥା ସମୟୋପଯୋଗୀ ସତର୍କ ବାର୍ତ୍ତା ମିଳୁଛି ଯେ, ଯଦି ଭାରତ ନିଜର ପାରମ୍ପରିକ କୂଟନୈତିକ ଢାଞ୍ଚାକୁ ଦ୍ରୁତ ପରିବର୍ତ୍ତନଶୀଳ ବୈଶ୍ୱିକ ଭୂ-ରାଜନୈତିକ ସ୍ଥିତି ସହ ତୁରନ୍ତ ଖାପ ନଖୁଆଏ, ତେବେ ଆଗାମୀ ଦିନରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଛରେ ପଡ଼ିଯିବାର ଆଶଙ୍କାକୁ ଏଡ଼ାଇ ହେବନାହିଁ। ବିଶେଷ କରି ଦେଶର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହ ସମ୍ପର୍କର ସମୀକରଣ ବଦଳୁଥିବା ବେଳେ ଏହି ଚିନ୍ତାଧାରାର ବାସ୍ତବ ପ୍ରତିଫଳନ ନିକଟରେ ବାଂଲାଦେଶରେ ଭାରତର ନୂତନ ରାଷ୍ଟ୍ରଦୂତ ଭାବେ ଦିନେଶ ତ୍ରିବେଦୀଙ୍କ ନିଯୁକ୍ତିରୁ ସ୍ପଷ୍ଟ ବାରି ହୋଇପଡୁଛି। ଏହି ଗୁରୁତ୍ୱପୂର୍ଣ୍ଣ ରଣନୈତିକ ପଦକ୍ଷେପ ସୂଚିତ କରୁଛି ଯେ, ବର୍ତ୍ତମାନ ଭାରତର ବୈଦେଶିକ ନୀତି ପୂର୍ବ ଅପେକ୍ଷା ଅଧିକ ଜଟିଳ, ସୂକ୍ଷ୍ମ ଏବଂ ଆହ୍ୱାନପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି, ଯେଉଁଠାରେ କେନ୍ଦ୍ର ସରକାର କେବଳ ପ୍ରଶାସନିକ ନିୟମାବଳୀ ଅପେକ୍ଷା ଦୀର୍ଘକାଳୀନ ରଣନୈତିକ ନିଷ୍ପତ୍ତିକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ରାଜନୈତିକ ଓ ପ୍ରଶାସନିକ ପର୍ଯ୍ୟବେକ୍ଷକମାନଙ୍କର ଏକ ବଡ଼ ଗୋଷ୍ଠୀ ଦୀର୍ଘ ଦିନରୁ ମତ ପ୍ରକାଶ କରିଆସୁଛନ୍ତି ଯେ, ଆମର ପାରମ୍ପରିକ କୂଟନୀତି ପ୍ରାୟତଃ କେତେକ ଆନୁଷ୍ଠାନିକ ଦ୍ୱିପାକ୍ଷିକ ବୈଠକ, ବିଦେଶୀ ଅତିଥିଙ୍କ ପାଇଁ ଆୟୋଜିତ ସ୍ୱାଗତ ସମାରୋହ, ମେଳା ଏବଂ ସାଂସ୍କୃତିକ ଆଦାନପ୍ରଦାନର ସୀମିତ ପରିସର ମଧ୍ୟରେ ଆବଦ୍ଧ ହୋଇ ରହିଯାଇଛି। କିନ୍ତୁ ବାସ୍ତବବାଦୀ ଦୃଷ୍ଟିକୋଣରୁ ବିଚାର କଲେ, ଆଧୁନିକ ବିଶ୍ୱରେ ଏକ ସଫଳ କୂଟନୀତିର ପ୍ରକୃତ ମାନଦଣ୍ଡ ହେଉଛି ଆନ୍ତର୍ଜାତୀୟ ସ୍ତରରେ ନିଜ ଦେଶର ପ୍ରଭାବ ବୃଦ୍ଧି କରିବା, ବିଶ୍ୱ ବଜାରରେ ନିଜର ବ୍ୟବସାୟିକ ବିସ୍ତାରକୁ ସୁଦୃଢ଼ କରିବା, କୌଶଳଗତ ଭାଗୀଦାରି ଗଠନ କରିବା ଏବଂ ପ୍ରତ୍ୟେକଟି ଆନ୍ତର୍ଜାତୀୟ ମଞ୍ଚରେ ଜାତୀୟ ସ୍ୱାର୍ଥକୁ ସର୍ବୋପରି ଆଗକୁ ନେଇ ଚାଲିବା। ବର୍ତ୍ତମାନର ଅତ୍ୟନ୍ତ ପ୍ରତିଯୋଗିତାପୂର୍ଣ୍ଣ ଭୂ-ରାଜନୈତିକ ଯୁଗରେ କେବଳ ନିଜ ଦପ୍ତରରେ ବସି ବିଦେଶୀ ଘଟଣାବଳୀ ସମ୍ପର୍କରେ ନିୟମିତ ରିପୋର୍ଟ ପଠାଉଥିବା ପାରମ୍ପରିକ କୂଟନୀତିଜ୍ଞମାନେ ଦେଶର ବୃହତ୍ତର କଲ୍ୟାଣ ତଥା ମହତ୍ୱାକାଂକ୍ଷା ପାଇଁ ପର୍ଯ୍ୟାପ୍ତ ନୁହନ୍ତି, ବରଂ ଆଜିର ସମୟରେ ଭାରତକୁ ଏପରି କୂଟନୀତିଜ୍ଞ ଓ ରଣନୀତିଜ୍ଞଙ୍କର ଆବଶ୍ୟକତା ରହିଛି ଯେଉଁମାନେ ବୈଶ୍ୱିକ ଘଟଣାବଳୀର ଗତିପଥକୁ ନିଜ ଦେଶର ଅନୁକୂଳରେ ଏକ ନୂତନ ଦିଗ ଦେଇପାରିବେ। ଏହି ଜାତୀୟ ଲକ୍ଷ୍ୟକୁ ସାକାର କରିବା ଉଦ୍ଦେଶ୍ୟରେ ହିଁ କେନ୍ଦ୍ର ସରକାର ବର୍ତ୍ତମାନ 'ସ୍ମାର୍ଟ ପାୱାର ଡିପ୍ଲୋମାସି' ଉପରେ ସର୍ବାଧିକ ଜୋର୍ ଦେଉଛନ୍ତି, ଯାହା ସାମରିକ ଓ ଅର୍ଥନୈତିକ ଶକ୍ତି ସହିତ ବୌଦ୍ଧିକ ଓ ରଣନୈତିକ ଚତୁରତାର ଏକ ଅପୂର୍ବ ସମନ୍ୱୟ।

ଠିକ୍ ସେହିପରି ଅନ୍ତରୀଣ ପ୍ରଶାସନିକ ସଂସ୍କାର କ୍ଷେତ୍ରରେ ମଧ୍ୟ ସରକାର ନୂତନ ରଣନୀତି ଆପଣାଉଥିବା ଦେଖିବାକୁ ମିଳୁଛି, ଯାହାର ସ୍ପଷ୍ଟ ପ୍ରମାଣ ହେଉଛି ନୀତି ଆୟୋଗର ନୂତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବା ସିଇଓ ନିଯୁକ୍ତି ପ୍ରକ୍ରିୟା। ନୂଆଦିଲ୍ଲୀର ଉଚ୍ଚ ପ୍ରଶାସନିକ ମହଲରେ ଚାଲିଥିବା ଗମ୍ଭୀର ଚର୍ଚ୍ଚା ଅନୁଯାୟୀ, ମଧ୍ୟପ୍ରଦେଶର ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟରତ ବରିଷ୍ଠ ପ୍ରଶାସକ ଅନୁରାଗ ଜୈନ ଏହି ସିଇଓ ପଦବୀ ଦୌଡ଼ରେ ସବୁଠାରୁ ଆଗରେ ଅଛନ୍ତି। ଗତ ଫେବୃଆରୀ ୨୦୨୬ରେ ପୂର୍ବତନ ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମଙ୍କ କାର୍ଯ୍ୟକାଳ ସଫଳତାର ସହ ଶେଷ ହେବା ପରଠାରୁ ଏହି ଗୁରୁତ୍ୱପୂର୍ଣ୍ଣ ସାଂସ୍ଥାନିକ ପଦବୀଟି ଖାଲି ପଡ଼ିଛି ଏବଂ ବର୍ତ୍ତମାନ ନୀତି ଆୟୋଗର ଡେଭଲପମେଣ୍ଟ ମନିଟରିଂ ଆଣ୍ଡ୍ ଇଭୋଲ୍ୟୁଶନ ଅଫିସ ବା ଡିଏମ୍ଇଓର ମହାନିର୍ଦ୍ଦେଶକ ପଦରେ ଥିବା ବରିଷ୍ଠ ଅଧିକାରୀ ନିଧି ଛିବ୍ବର ଏହି ସିଇଓ ପଦର ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। କେନ୍ଦ୍ର ସରକାର ଦେଶର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଯଥାଶୀଘ୍ର ଜଣେ ପୂର୍ଣ୍ଣକାଳୀନ ତଥା ଦକ୍ଷ ସିଇଓ ନିଯୁକ୍ତ କରିବାକୁ ଚାହୁଁଛନ୍ତି, କାରଣ ଆଗାମୀ ବର୍ଷଗୁଡ଼ିକରେ ଜାତୀୟ ନୀତି ପ୍ରଣୟନ, ବିଭିନ୍ନ ଯୋଜନାର ବାସ୍ତବ ଫଳାଫଳ ଉପରେ କଠୋର ନଜର ରଖିବା ଏବଂ କେନ୍ଦ୍ର-ରାଜ୍ୟ ମଧ୍ୟରେ ସହଯୋଗମୂଳକ ସଂଘୀୟ ସମନ୍ୱୟ ରକ୍ଷା କରିବା କ୍ଷେତ୍ରରେ ନୀତି ଆୟୋଗ ଆହୁରି ଗୁରୁତ୍ୱପୂର୍ଣ୍ଣ ଓ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ଯାଉଛି। ଏହି ଦୃଷ୍ଟିକୋଣରୁ ବିଚାର କଲେ, ଅନୁରାଗ ଜୈନଙ୍କର ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ରହିଛି ଏବଂ ବିଶେଷ କରି ଭିତ୍ତିଭୂମି ଯୋଜନା ତଥା ପ୍ରଯୁକ୍ତିକୈନ୍ଦ୍ରିକ ସୁଶାସନ ପ୍ରଣୟନରେ ତାଙ୍କର ଦକ୍ଷତା ସର୍ବଜନବିଦିତ। କେନ୍ଦ୍ର ସରକାରଙ୍କର ସବୁଠାରୁ ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ 'ପିଏମ୍ ଗତି ଶକ୍ତି ନ୍ୟାଶନାଲ ମାଷ୍ଟର ପ୍ଲାନ'କୁ ସଫଳତାର ସହ ଆଗକୁ ବଢ଼ାଇବାରେ ତାଙ୍କର ଅସାଧାରଣ ଅବଦାନ ରହିଛି। ସେ ବର୍ତ୍ତମାନ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟରତ ଥିବା ବେଳେ ପୂର୍ବରୁ ନୀତି ଆୟୋଗରେ ହିଁ ଅତିରିକ୍ତ ସଚିବ ଓ ପରାମର୍ଶଦାତା ଭାବେ ସଫଳତାର ସହ କାମ କରିସାରିଛନ୍ତି, ଯାହା ଫଳରେ ଏହି ପ୍ରମୁଖ ଚିନ୍ତନ ସଂସ୍ଥା ବା ଥିଙ୍କ୍ ଟ୍ୟାଙ୍କ୍‌ର ଆଭ୍ୟନ୍ତରୀଣ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ତାଙ୍କର ଗଭୀର ଓ ବାସ୍ତବ ଅଭିଜ୍ଞତା ରହିଛି। ତେଣୁ ନୀତି ଆୟୋଗର ଏହି ସିଇଓ ନିଯୁକ୍ତି କେବଳ ଏକ ସାଧାରଣ ଶୂନ୍ୟ ପଦବୀ ପୂରଣ କରିବାର ପ୍ରକ୍ରିୟା ନୁହେଁ, ବରଂ ଏହା ହେଉଛି ସରକାରଙ୍କ 'ବିକଶିତ ଭାରତ' ଲକ୍ଷ୍ୟକୁ ସମୟସୀମା ମଧ୍ୟରେ ହାସଲ କରିବା ପାଇଁ ଏକ ଦୂରଦୃଷ୍ଟିସମ୍ପନ୍ନ ପ୍ରଶାସନିକ ସଙ୍କେତ।

ଅନ୍ୟପକ୍ଷରେ ଦେଶର ଆର୍ଥିକ ତଥା ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ସରକାର ଏବେ ଉତ୍ତରଦାୟିତ୍ୱ ଓ କଠୋର ପ୍ରଦର୍ଶନକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି, ଯାହାର ପ୍ରଭାବ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ଉପରେ ପଡ଼ିବାକୁ ଆରମ୍ଭ କଲାଣି। ଦୀର୍ଘ ଦଶନ୍ଧି ଧରି 'ମହାରତ୍ନ' ମାନ୍ୟତା ଭାରତର ସରକାରୀ କମ୍ପାନୀ ବା ପିଏସ୍‌ୟୁଗୁଡ଼ିକ ପାଇଁ ସର୍ବୋଚ୍ଚ ବ୍ୟବସାୟିକ ସମ୍ମାନ ଓ ସ୍ୱାଧୀନତାର ପ୍ରତୀକ ଭାବେ ରହିଆସିଥିଲା ଏବଂ ପୂର୍ବରୁ ଏକ ଧାରଣା ଥିଲା ଯେ ଥରେ ଏହି ମାନ୍ୟତା ମିଳିଗଲେ ତାହା ସ୍ଥାୟୀ ଭାବେ ବଜାୟ ରହେ, କିନ୍ତୁ ବର୍ତ୍ତମାନ ନୂତନ ଅର୍ଥନୈତିକ ସଂସ୍କାର କାଳରେ ଏହି ପୁରୁଣା ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିବାରେ ଲାଗିଛି। ସାମ୍ନାକୁ ଆସିଥିବା ସୂଚନା ଅନୁଯାୟୀ, କେନ୍ଦ୍ର ସରକାର ଦେଶର ଦୁଇ ପ୍ରମୁଖ ଶିଳ୍ପ ସଂସ୍ଥା ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ (ବିଏଚ୍ଇଏଲ୍) ଏବଂ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)କୁ ଆଗାମୀ ଏକ ବର୍ଷ ମଧ୍ୟରେ ସେମାନଙ୍କର ସାମଗ୍ରୀକ ଆର୍ଥିକ ପ୍ରଦର୍ଶନ ଏବଂ ଲାଭଜନକତାରେ ବ୍ୟାପକ ସୁଧାର ଆଣିବାକୁ କଡ଼ା ଚେତାବନୀ ଦେଇଛନ୍ତି, ନଚେତ ସେମାନଙ୍କର ଗୌରବମୟ ମହାରତ୍ନ ମାନ୍ୟତାକୁ ତଳ ଶ୍ରେଣୀ ଅର୍ଥାତ୍ 'ନବରତ୍ନ' ଶ୍ରେଣୀକୁ ଖସାଇ ଦିଆଯିବାର ଏକ ବଡ଼ ଆଶଙ୍କା ସୃଷ୍ଟି ହୋଇଛି। ଏଠାରେ ପ୍ରକୃତ ସମସ୍ୟା ଏହି ଦୁଇ ଶିଳ୍ପ ସଂସ୍ଥାର ବିରାଟ ଆକାର, ସେମାନଙ୍କର ଐତିହାସିକ ଗୁରୁତ୍ୱ କିମ୍ବା ଦେଶ ଗଠନରେ ସେମାନଙ୍କର ଅବଦାନକୁ ନେଇ ନୁହେଁ; ବରଂ ବାସ୍ତବ ସମସ୍ୟାଟି ରହିଛି ସେମାନଙ୍କର ବାର୍ଷିକ ଶିଳ୍ପଗତ ଶୁଦ୍ଧ ଲାଭରେ, ଯାହାକି ମହାରତ୍ନ ମାନ୍ୟତା ବଜାୟ ରଖିବା ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ପ୍ରମୁଖ ଆର୍ଥିକ ମାନଦଣ୍ଡ ଅଟେ। ସରକାରୀ ନିୟମ ଅନୁଯାୟୀ, ମହାରତ୍ନ କମ୍ପାନୀଗୁଡ଼ିକୁ କୌଣସି ସରକାରୀ ଅନୁମତି ବିନା ସ୍ୱତନ୍ତ୍ର ଭାବେ ବଡ଼ ଧରଣର ନିବେଶ ଓ ବ୍ୟବସାୟିକ ସମ୍ପ୍ରସାରଣ କ୍ଷେତ୍ରରେ ସ୍ୱାଧୀନ ନିଷ୍ପତ୍ତି ନେବାର ବ୍ୟାପକ ପ୍ରଶାସନିକ ଓ ଆର୍ଥିକ ସ୍ୱାଧୀନତା ମିଳିଥାଏ, କିନ୍ତୁ ଯଦି କୌଣସି କାରଣରୁ ଏହି ସମ୍ମାନଜନକ ମାନ୍ୟତା ହ୍ରାସ ପାଏ, ତେବେ ସେମାନଙ୍କ ଉପରେ ସରକାରୀ ନିୟନ୍ତ୍ରଣ ଓ କଟକଣା ବହୁଗୁଣିତ ହୋଇଯିବ ଏବଂ ସେମାନଙ୍କର ବ୍ୟବସାୟିକ ସ୍ୱାଧୀନତା ଆଉ ପୂର୍ବଭଳି ରହିବ ନାହିଁ। ଏକଥା ମଧ୍ୟ ସତ୍ୟ ଯେ ବିଏଚ୍ଇଏଲ୍ ଓ ସେଲ୍ ଭଳି ସଂସ୍ଥାଗୁଡ଼ିକ ଦେଶର ଏପରି କେତେକ ଭାରୀ ଶିଳ୍ପ ଓ ଭିତ୍ତିଭୂମି କ୍ଷେତ୍ରରେ କାର୍ଯ୍ୟ କରନ୍ତି, ଯେଉଁଠାରେ ମୁକ୍ତ ବଜାରର ଉତ୍ଥାନ-ପତନ, ସରକାରୀ ବ୍ୟୟର ଆଭିମୁଖ୍ୟ ଏବଂ ବୈଶ୍ୱିକ ଆର୍ଥିକ ପରିସ୍ଥିତି ସେମାନଙ୍କର ବାର୍ଷିକ ଲାଭକୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରିଥାଏ। ତେଣୁ କେବଳ ସାଧାରଣ ବାଣିଜ୍ୟିକ ଲାଭ ଆଧାରରେ ସେମାନଙ୍କର ସାମଗ୍ରୀକ ମୂଲ୍ୟାଙ୍କନ କରିବା ଦ୍ୱାରା ଦେଶର ଅଭିବୃଦ୍ଧି ପ୍ରତି ସେମାନଙ୍କର ଯେଉଁ ବୃହତ୍ତର କୌଶଳଗତ ତଥା ରଣନୈତିକ ଅବଦାନ ରହିଛି, ତାହା କେତେକାଂଶରେ ଅଣଦେଖା ହୋଇଯିବାର ଭୟ ମଧ୍ୟ ରହିଛି। ତଥାପି, ବର୍ତ୍ତମାନର ଅତ୍ୟନ୍ତ ପ୍ରତିଯୋଗିତାମୂଳକ ଅର୍ଥନୈତିକ ବ୍ୟବସ୍ଥାରେ ସରକାରୀ ବିଶେଷ ସୁବିଧା ଓ ସ୍ୱାଧୀନତା ଜାରି ରଖିବାକୁ ହେଲେ ପ୍ରତ୍ୟେକଟି ରାଷ୍ଟ୍ରାୟତ୍ତ ସଂସ୍ଥାକୁ ନିରନ୍ତର ଉତ୍ତମ ଆର୍ଥିକ କାର୍ଯ୍ୟଦକ୍ଷତା ଓ ଉତ୍ପାଦକତା ପ୍ରଦର୍ଶନ କରିବାକୁ ହିଁ ପଡ଼ିବ। ଏହି ବଦଳୁଥିବା ନୂତନ ଯୁଗରେ କୌଣସି ପୁରୁଣା ମାନ୍ୟତା ସ୍ଥାୟୀ ନୁହେଁ, ବରଂ ନିରନ୍ତର ସଫଳ କାର୍ଯ୍ୟଦକ୍ଷତା ହିଁ ସଂସ୍ଥାର ସମ୍ମାନ ଓ ସ୍ୱାଧୀନତାର ପ୍ରକୃତ ଏବଂ ଏକମାତ୍ର ଆଧାର ପାଲଟିଛି।

ଜାତୀୟ ଚେତନା
JATIYA CHETANA



## ଖଣି ଚୋରା ଚାଲାଣ ବିରୋଧରେ ସରକାରଙ୍କ ଶକ୍ତ ପ୍ରହାର

# ନିର୍ଦ୍ଧାରିତ ଗ୍ରେଡ୍‌ଠାରୁ କମ୍ ମାନର ଖଣିଜ ପଦାର୍ଥ ପରିବହନକୁ ନା

ଭୁବନେଶ୍ୱର,(ଜା.ପ୍ର): ଖଣିଜ ସମ୍ପଦର ଚୋରାଚାଲାଣ ଉପରେ ମୋହନ ମାଝୀଙ୍କ ସରକାର ଶକ୍ତ ପ୍ରହାର କରିଛନ୍ତି। ରାଜ୍ୟରେ ବେଆଇନ୍ ଖଣି କାର୍ଯ୍ୟକଳାପ ଓ ସେଥି ସହିତ ଜଡ଼ିତ ଅନିୟମିତତାକୁ ରୋକିବା ପାଇଁ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ଏବେ ଆକ୍ସନ ମୋଡରେ। ଖଣିଜ ପଦାର୍ଥ ପରିବହନ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଓଡ଼ିଶା ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ (ଡିଏମଜି) ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଅନୁମୋଦିତ ଖଣି ଯୋଜନାରେ ନିର୍ଦ୍ଧାରିତ ମାନଦଣ୍ଡଠାରୁ କମ୍ ଗ୍ରେଡ୍ ବା ମାନର ଓର (ଖଣିଜ ପଥର) ପରିବହନ ପାଇଁ ଏବେ ଆଉ କୌଣସି ଅନୁମତି ମିଳିବ ନାହିଁ। ଗତ ୧୬ ଜୁନ୍ ୨୦୨୬ରେ ଜାରି ହୋଇଥିବା ଏହି ନୂତନ ନିର୍ଦ୍ଦେଶନାମାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖଣିଜ ପଦାର୍ଥର ଗ୍ରେଡ୍‌ରେ ହେର୍‌ଫେର୍, ବ୍ଲେଣ୍ଡିଂରେ ଅନିୟମିତତା, ଭୁଲ୍ ଶ୍ରେଣୀଭୁକ୍ତ କରିବା ଏବଂ କମ୍ ଗ୍ରେଡ୍ ଦର୍ଶାଇ ରିପୋର୍ଟ କରିବା ଭଳି ବେଆଇନ୍ କାର୍ଯ୍ୟକଳାପକୁ ରୋକିବା। ଏହିପରି ଅନିୟମିତତା ଯୋଗୁଁ ସରକାରଙ୍କ ରୟାଲଟି ସଂଗ୍ରହ ଏବଂ ଅନ୍ୟାନ୍ୟ ସଂହିତାବଦ୍ଧ ଦେୟ ପ୍ରଭାବିତ ହେଉଥିଲା। ଅନେକ ଖଣି ମାଲିକ ଅଧିକ ଟିକସ ଏବଂ ରପ୍ତାନି ଶୁଳ୍କ ଏଡ଼ାଇବା ପାଇଁ ଉଚ୍ଚମାନର ଲୁହା ପଥରକୁ ଜାଣିଶୁଣି ନିମ୍ନମାନର ବୋଲି ଦର୍ଶାଉଥିଲେ। ଏହି ଗ୍ରେଡ୍ ମିଶ୍ରଣ ଏବଂ ଖଣିଜ ପଦାର୍ଥର ମୂଲ୍ୟ କମ୍ ଦର୍ଶାଇବା ଦ୍ୱାରା ରାଜ୍ୟ ସରକାରଙ୍କୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡୁଥିଲା। ଏହାକୁ ରୋକିବା ପାଇଁ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଟ୍ରାକିଂ ପାଇଁ ଆଧୁନିକ ଟେକ୍ନୋଲୋଜିର ବ୍ୟବହାର କରୁଛନ୍ତି। ନୂଆ ନିୟମ ଅନୁଯାୟୀ, ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍) ଦ୍ୱାରା ଅନୁମୋଦିତ ଖଣି ଯୋଜନାରେ ଥିବା ବାର୍ଷିକ ହାରାହାରି ଓର ଗ୍ରେଡ୍‌କୁ ହିଁ ଖଣି ଲିଜ୍ ଅଞ୍ଚଳରୁ ପରିବହନ ପାଇଁ ସର୍ବନିମ୍ନ ସ୍ୱୀକୃତ ମାନଦଣ୍ଡ ଭାବେ ଗ୍ରହଣ କରାଯାଇଛି। ଚଳିତ ଆର୍ଥିକ ବର୍ଷ



୨୦୨୬ରେ ଓଡ଼ିଶାର ଅନୁମୋଦିତ ଇସି (ଏନଭାଇରନମେଣ୍ଟ କ୍ଲିଅରାନ୍ସ) ସୀମା ୨୭୮ ମିଲିୟନ ଟନ୍ ରହିଛି। ଗତ ଆର୍ଥିକ ବର୍ଷରେ ରାଜ୍ୟରେ ପ୍ରାୟ ୧୫୮ ମିଲିୟନ ଟନ୍ ଲୁହାପଥର ଉତ୍ପାଦନ ହୋଇଥିଲା, ଯାହା ସମଗ୍ର ଦେଶର ମୋଟ ଲୁହାପଥର ଉତ୍ପାଦନର ପ୍ରାୟ ୫୦ ପ୍ରତିଶତ ଅଟେ। ଖଣିଜ ପଦାର୍ଥ ଉତ୍ପାଦନ, ଡିସପାଚ୍ ଏବଂ ଷ୍ଟକ୍ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ କ୍ଷେତ୍ର ସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ଯଦ୍ୱାରା ଉତ୍ପାଦନର ପ୍ରକୃତ ପରିମାଣ ଲୁଚାଇବା କିମ୍ବା ବେଆଇନ୍ ଖନନ ଭଳି ବିସଙ୍ଗତିଗୁଡ଼ିକୁ ଚିହ୍ନଟ କରାଯାଇପାରିବ। ସରକାରୀ ସର୍କୁଲାରରେ ସ୍ପଷ୍ଟ କରାଯାଇଛି ଯେ ବାର୍ଷିକ ହାରାହାରି ଗ୍ରେଡ୍‌ଠାରୁ କମ୍ ମାନର ଖଣିଜ ପଦାର୍ଥ ପରିବହନକୁ କୌଣସି ପରିସ୍ଥିତିରେ ବି ଅନୁମତି ଦିଆଯିବ ନାହିଁ।

ଯେଉଁ ଖଣି ଯୋଜନାରେ ବାର୍ଷିକ ହାରାହାରି ଗ୍ରେଡ୍ ଉଲ୍ଲେଖ ନାହିଁ, ସେଠାରେ କାର୍ଯ୍ୟକ୍ଷମ ଖଣି ଫେସ୍ ବା ବେଞ୍ଚର ଜିଓଲୋଜିକାଲ୍ ରିପୋର୍ଟରୁ ମିଳିଥିବା ଓଜନ ହାରାହାରି ଗ୍ରେଡ୍ (ୱେଟେଡ୍ ଆଭରେଜ୍ ଗ୍ରେଡ୍)କୁ ମାନଦଣ୍ଡ ଭାବେ ଗ୍ରହଣ କରାଯିବ। ଜଣେ ଖଣି ମାଲିକ ବା ମାଇନର କହିଛନ୍ତି ଯେ, ପୂର୍ବରୁ କିଛି ସଂସ୍ଥା ଆଇବିଏମ୍ ଦର ତୁଳନାରେ ରିପୋର୍ଟ ହୋଇଥିବା ଗ୍ରେଡ୍ ଆଧାରରେ ରୟାଲଟିରେ ହେରଫେର କରୁଥିବା ଅଭିଯୋଗ ହୋଇଥିଲା, ଯାହା ବର୍ତ୍ତମାନ ସରକାରଙ୍କ ସ୍କାନରରେ ରହିଛି। ତେବେ ପୂର୍ବ ଅନୁମୋଦନ କ୍ରମେ ଦିଆଯାଇଥିବା ଚାଲୁ ଡିସପାଚ୍ ଅନୁମତି ଉପରେ ଏହି ନୂଆ ବିଜ୍ଞପ୍ତିର କୌଣସି ପ୍ରଭାବ ପଡ଼ିବ ନାହିଁ। ଖଣି ଯୋଜନାରେ ବ୍ଲେଣ୍ଡିଂ (ମିଶ୍ରଣ) ପାଇଁ ଅନୁମତି ଥିଲେ ମଧ୍ୟ, ଚୂଡ଼ାନ୍ତ ବ୍ଲେଣ୍ଡେଡ୍ ଓର ଗ୍ରେଡ୍ ନିର୍ଦ୍ଧାରିତ ମାନଦଣ୍ଡ ସହିତ ସମାନ କିମ୍ବା ତା'ଠାରୁ ଅଧିକ ହେବା ଆବଶ୍ୟକ। ଏହି ନିର୍ଦ୍ଦେଶ ପରେ ଯୋଡ଼ା ସର୍କଲର ଖଣି ଉପ-ନିର୍ଦ୍ଦେଶକ ମଧ୍ୟ ତାଙ୍କ ଅଞ୍ଚଳର ଖଣି ଲିଜଧାରୀମାନଙ୍କୁ ଖଣି ଯୋଜନା ବାହାରେ ଥିବା କମ୍ ଗ୍ରେଡ୍‌ର ଓର ପାଇଁ ଆବେଦନ ନ କରିବାକୁ କହିଛନ୍ତି। ଏହି ନୂଆ ନିୟମ ଯୋଗୁଁ ଓଡ଼ିଶାରେ ଖଣି କାର୍ଯ୍ୟକଳାପ ଏବଂ ଗ୍ରେଡ୍ ଅନୁପାଳନ ଉପରେ ନଜରଦାରୀ ଅଧିକ ଶକ୍ତ ହେବାକୁ ଯାଉଛି।

ପ୍ରକାଶ ଯେ ରାଜ୍ୟ ସରକାର ଖଣି କ୍ଷେତ୍ରରେ ସ୍ୱଚ୍ଛତା ଓ କଠୋର ନିୟାମକ ଅନୁପାଳନକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। କିନ୍ତୁ କିଛି ଖଣି ଲିଜ୍‌ଧାରୀ ବେଆଇନ ଖନନ, ପରିବହନ, ସଂରକ୍ଷଣ, ପ୍ରକ୍ରିୟାକରଣ, ଖଣିଜ ବ୍ୟବସାୟ, ଉତ୍ପାଦନ ଲୁଚାଇବା ଏବଂ ଗ୍ରେଡ୍ ହେରଫେର ଭଳି ବେଆଇନ କାର୍ଯ୍ୟରେ ଲିପ୍ତ ରହୁଥିବା ନଜରକୁ ଆସୁଛି। ଏହିସବୁ ଅନିୟମିତତା ଯୋଗୁଁ ସରକାରଙ୍କ ରାଜସ୍ୱ ହାନି ହେବା ସହ ଖଣିଜ ସମ୍ପଦର ସଂରକ୍ଷଣ ବାଧାପ୍ରାପ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଆଇଏଏସ୍, ଓଡ଼ିଶାର ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଆଇଏଫଏସ୍‌ଙ୍କୁ ସମସ୍ତ କ୍ଷେତ୍ରୀୟ ଅଧିକାରୀମାନଙ୍କ ଦ୍ୱାରା ମନିଟରିଂ ଓ ଯାଞ୍ଚ ପ୍ରକ୍ରିୟାକୁ ଅଧିକ ତୀବ୍ର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ଅନୁସାରେ, ବିଶେଷ କରି ଲୁହାପଥର, ମାଙ୍ଗାନିଜ, କୋଇଲା, କ୍ରୋମାଇଟ୍ ଓ ବକ୍ସାଇଟ୍ ଭଳି ପ୍ରମୁଖ ଖଣିଜ ପଦାର୍ଥର ବେଆଇନ ଖନନ, ଲିଜ୍ ଅଞ୍ଚଳ ବାହାରେ ଖନନ ଏବଂ ଅନୁମୋଦିତ ସୀମାରୁ ଅଧିକ ଉତ୍ପାଦନ ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି। ଖଣିଜ ପଦାର୍ଥର ମୂଲ୍ୟାଙ୍କନ ଓ ରୟାଲଟିକୁ ପ୍ରଭାବିତ କରୁଥିବା ଗ୍ରେଡ୍ ହେରଫେର, ବ୍ଲେଣ୍ଡିଂ ଏବଂ ଭୁଲ୍ ଶ୍ରେଣୀଭୁକ୍ତ ପ୍ରକ୍ରିୟାକୁ ରୋକିବା ପାଇଁ କ୍ଷେତ୍ରାଧିକାରୀମାନେ ଉତ୍ପାଦନ, ଡିସପାଚ୍ ଓ ଷ୍ଟକ୍ ସ୍ଥିତିର ନିୟମିତ ସମୀକ୍ଷା କରିବେ। ବିନା ବୈଧ ପରମିଟ୍‌ରେ ପରିବହନ, ନକଲି ଦସ୍ତାବିଜର ବ୍ୟବହାର ଏବଂ ନିର୍ଦ୍ଧାରିତ ଓଜନଠାରୁ ଅଧିକ ପରିବହନ ରୋକିବା ପାଇଁ ଗାଡ଼ିଗୁଡ଼ିକର ଗତିବିଧି, ଓଜନ ଓ ପରମିଟ୍ ଯାଞ୍ଚ କରାଯିବ। ଖଣିଜ ପଦାର୍ଥ ଗଚ୍ଛିତ ଥିବା ସମସ୍ତ ଷ୍ଟକୟାର୍ଡ, ଡିପୋ, ରେଳ ସାଇଡିଂ, ଓଜନ ବ୍ରିଜ୍ ଏବଂ ବନ୍ଦର ପରିସରଗୁଡ଼ିକୁ ନିୟମିତ ଯାଞ୍ଚ କରିବାକୁ ଏହି ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଏହି ମନିଟରିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଭେହିକିଲ୍ ଟ୍ରାକିଂ ସିଷ୍ଟମ୍ ଭଳି ଆଧୁନିକ ଡିଜିଟାଲ୍ ଓ ବୈଷୟିକ ଉପକରଣର ବ୍ୟବହାର କରାଯିବ ଏବଂ ସନ୍ଦେହଜନକ ଖଣି ଅଞ୍ଚଳରେ ଅତର୍କିତ ଚଢ଼ଉ କରାଯିବ। କୌଣସି ପ୍ରକାରର ଉଲ୍ଲଂଘନ ଚିହ୍ନଟ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଖଣିଜ ସାମଗ୍ରୀ, ଗାଡ଼ି ଓ ଯନ୍ତ୍ରପାତି ଜବତ କରାଯିବ ଏବଂ ଏଫ୍‌ଆଇଆର୍ ଦାୟର କରାଯିବ। ଏହି ଏନଫୋର୍ସମେଣ୍ଟ କାର୍ଯ୍ୟର ଅଗ୍ରଗତି ନେଇ ପ୍ରତି ମାସର ପ୍ରଥମ ସପ୍ତାହରେ ଏକ ସଂକ୍ଷିପ୍ତ ମାସିକ ପ୍ରଗତି ରିପୋର୍ଟ ବିଭାଗକୁ ହସ୍ତାନ୍ତର କରାଯିବ। ସରକାର ସ୍ପଷ୍ଟ କରିଛନ୍ତି ଯେ ଖଣି ପ୍ରଶାସନ ଓ ଦାୟିତ୍ୱରେ ଥିବା କୌଣସି ବି ଅଧିକାରୀଙ୍କ ଅବହେଳା, କାର୍ଯ୍ୟରେ ଶିଥିଳତା କିମ୍ବା ଆଇନ ଉଲ୍ଲଂଘନ ପ୍ରତି ଆଖି ବୁଜିଦେବା ଭଳି ଘଟଣାକୁ ଗମ୍ଭୀରତାର ସହ ନିଆଯିବ ଏବଂ ଦୋଷୀ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଥା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ୧୬୬୮ ନୁହେଁ; ୨୧୪୮ ତ୍ରୁଟି

## ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ଭରଣା କରି ତ୍ରୁଟିଶୂନ୍ୟ ପୁସ୍ତକ ମୁଦ୍ରଣ ଦାବି

ଭୁବନେଶ୍ୱର,(ଜା.ପ୍ର): ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ବନାନ୍ ସମେତ ବ୍ୟାକରଣ, ବାକ୍ୟ ଗଠନରେ ରହିଥିବା ତ୍ରୁଟି ସଂଖ୍ୟା ଦିନକୁ ଦିନ ବଢୁଛି। ପାଠ୍ୟପୁସ୍ତକରେ ମୋଟ ୧୬୬୮ଟି ତ୍ରୁଟି ରହିଥିବା କଥା ପୁସ୍ତକ ପ୍ରସ୍ତୁତ କରିଥିବା ଶିକ୍ଷକ ଶିକ୍ଷା ଓ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶାଳୟ ପକ୍ଷରୁ ସ୍ୱୀକାର କରାଯିବା ସହ ସଂଶୋଧିତ ତାଲିକା ଜାରି କରାଯାଇଛି। ମାତ୍ର ଏହି ତ୍ରୁଟି ସଂଖ୍ୟା ବହୁ ଅଧିକ ବୋଲି ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଆହୁରି ଅଧିକ ୪୮୦ଟି ତ୍ରୁଟି ଅର୍ଥାତ୍ ମୋଟ ୨୧୪୮ ତ୍ରୁଟି ରହିଛି। ଫଳରେ ଅବଶିଷ୍ଟ ଭୁଲ୍‌କୁ ଶିକ୍ଷକ କଣ ପଢ଼ାଇବେ ଓ ଛାତ୍ରଛାତ୍ରୀ କ'ଣ ପଢ଼ିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରାଥମିକ ଶିକ୍ଷକ ସଂଘ ପିଷ୍ଟାର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ଆହୁରି ଅନେକ ତ୍ରୁଟି ରହିଛି। ସରକାର ୧୬୬୮ଟି ତ୍ରୁଟିକୁ ସ୍ୱୀକାର କରିଥିବାବେଳେ ଏହି ସଂଖ୍ୟା ବହୁ ଅଧିକ ରହିଛି। ତାଙ୍କ ଅନୁଧ୍ୟାନ ଅନୁଯାୟୀ ମୋଟ ୨୧୪୮ ତ୍ରୁଟି ରହିଥିବା ସେ ଅଭିଯୋଗ କରିବା ସହ ଏହି ସଂଖ୍ୟା ଆଗକୁ ପଢ଼ାଇବା ବେଳେ ଆହୁରି ଜଣାପଡ଼ିବ ବୋଲି କହିଛନ୍ତି। ମାଲମାଲ ଭୁଲ୍ ସତ୍ତ୍ୱେ ସରକାର ତ୍ରୁଟିଶୂନ୍ୟ ପୁସ୍ତକ ପ୍ରଦାନ କରିବା ପରିବର୍ତ୍ତେ ମାଲମାଲ ତ୍ରୁଟି ଥିବା ପୁସ୍ତକରେ କାମ ଚଳାଇଦେବା ମନ୍ତବ୍ୟକୁ ନେଇ ପ୍ରଶ୍ନ କରିଛନ୍ତି। କେଉଁ ପ୍ରକ୍ରିୟାରେ ପୁସ୍ତକର ତ୍ରୁଟିକୁ ସଂଶୋଧନ କରାଯିବ ସେନେଇ କୌଣସି ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ଜାରି କରାଯାଇ ନାହିଁ। ପୁଣି ବର୍ଷସାରା ପିଲାଙ୍କୁ ତ୍ରୁଟିଯୁକ୍ତ ବହି ପଢ଼ିବାକୁ କୁହାଯିବା ସେମାନଙ୍କ ଶୈକ୍ଷିକ ଭବିଷ୍ୟତକୁ ପ୍ରଭାବିତ କରିବ। ଶିକ୍ଷକଶିକ୍ଷୟିତ୍ରୀମାନେ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେବେ। ଏଣୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ରୁଟିଶୂନ୍ୟ ପୁସ୍ତକ ପ୍ରସ୍ତୁତ କରାଯାଉ। ପୁସ୍ତକ ପ୍ରସ୍ତୁତି ଦାୟିତ୍ୱରେ ତଳୁ ଉପର ପର୍ଯ୍ୟନ୍ତ ଥିବା ଅଧିକାରୀଙ୍କ ଠାରୁ ସମସ୍ତ ଅର୍ଥ ଭରଣା କରି ନୂତନ ଭାବେ ତ୍ରୁଟିଶୂନ୍ୟ ପୁସ୍ତକ ଛାପିବାକୁ ସେ ଦାବି କରିଛନ୍ତି।

# ଜଳବିଭାଜିକା ପ୍ରକଳ୍ପର ମହାଘୋଟାଲା ପୁରୁଣା ପୋଖରୀ ଦେଖାଇ ଲକ୍ଷାଧିକ ଟଙ୍କା ହଡ଼ପ ତଦନ୍ତ ପାଇଁ ଦାବି

ଢେଙ୍କାନାଳ / କଙ୍କଡ଼ାହାଡ଼,(ଜା.ପ୍ର): ଜଳ ବିଭାଜିକା ପ୍ରକଳ୍ପରେ ଦିନକୁ ଦିନ ଦୁର୍ନୀତି ବଢ଼ିବାରେ ଲାଗିଛି। କିଛି ମାସ ପୁର୍ବରୁ ଜରଡା ଦେହୁରୀ ହତାରେ ଏମିତି ଦୁର୍ନୀତି ମାମଲାରେ କିଛି ସରକାରି ଅଧିକାରୀ ନିଲମ୍ବିତ ହୋଇ ଥିବା ବେଳେ ତଥାପି ଟଙ୍କା ଲୋଭରେ ପଡ଼ି ବାରମ୍ବାର ଦୁର୍ନୀତି କରିଚାଲିଛନ୍ତି। ସୂଚନା ଥାଉକି ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ପଙ୍ଗାତିରା ପଞ୍ଚାୟତ ଅନ୍ତର୍ଗତ ପଙ୍ଗାତିରା ଗ୍ରାମକୁ ନେଇ ଗଠିତ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାକମିଟି ଗଠନ ହୋଇଥିଲା। ପଙ୍ଗାତିରା ବରଘାଇ ନାଳ (୨) ଜଳବିଭାଜିକା ଏହି କମିଟି ପାଞ୍ଚରୁ ଛଅ ଥର ପରେ ସଠିକ୍ ଚାଷୀଙ୍କୁ ନ ନେଇ କମିଟି ତରବରିଆ ଭାବେ ଗଠନ କରାଯାଇଛି। ଯାହା କମିଟି ସଦସ୍ୟଙ୍କୁ ନ ଡାକି ଥରେ ମଧ୍ୟ ମିଟିଙ୍ଗ ନକରି ମନ ଇଚ୍ଛା ସରକାର ଅଧିକାରୀ କାର୍ଯ୍ୟ କରିଛନ୍ତି। ସୂଚନା ଥାଉକି ଗ୍ରାମର ଚାଷୀଙ୍କୁ ଆତ୍ମନିଭର କରିବା ପାଇଁ ପି ଏସ ଏମ ଇ ବାବଦକୁ ଛେଳି ଚାଷ, କୁକୁଡ଼ା ପାଳନ, ପନିପରିବା ଚାଷ ପାଇଁ ସରକାରଙ୍କ ତରଫରୁ ୧୬୦୦୦ଟଙ୍କା



ପ୍ରଦାନ କରାଯାଇଥିଲା ! ଯେଉଁ ହିତାଧିକାରୀ ପାଇବା ଯୋଗ୍ୟ ସେମାନଙ୍କୁ ଦିଆ ନଯାଇ ଯେଉଁ ମାନେ ସେହି ଜଳ ବିଭାଜିକା ଏରିଆରେ ଆସୁ ନାହାନ୍ତି ସେମାନେ ଏହାର ଫାଇଦା ନେଉଛନ୍ତି। ସବୁଠାରୁ ରୋଚକ କଥା ଗ୍ରାମରେ ଥିବା ପୁରୁଣା ପୋଖରୀକୁ ନୂଆ ଦର୍ଶାଇ ମିଥ୍ୟା ବିଲ୍ ଜଳବିଭାଜିକା ତରଫରୁ କରାଯାଇଛି। ଯାହାଫଳରେ କେତେ ବିଲ ହୋଇଛି ଜଳ ବିଭାଜିକା ପ୍ରକଳ୍ପର ନୁତନ ପୋଖରୀ ତିଆରି ହେବା କଥା ପୁରୁଣା ପୋଖରୀ କିଛି କାର୍ଯ୍ୟ କରି ନୁତନ ପୋଖରୀ ଟଙ୍କା ବିଲ୍ ହୋଇଥିବା ଅଭିଯୋଗ ହୋଇଛି ଏବଂ ଅନ୍ୟପଟେ ମନରେଗା ଯୋଜନାରେ ସେଇ ପୋଖରୀକୁ ଖୋଳା ଯାଇଥିଲା। ଅନ୍ୟପଟେ ଗ୍ରାମବାସୀ ଚେତାବନୀ ଦେଇ କହିଛନ୍ତି ଏହି ଜଳ ବିଭାଜିକା ପ୍ରକଳ୍ପରେ ଯାହା ଦୁର୍ନୀତି ହୋଇଛି ଟଙ୍କା ଫେରସ୍ତ କରାନଗଲେ ଆଗକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେବୋଲି କହିଛନ୍ତି ଗ୍ରାମବାସୀ। ଏ ବିଷୟରେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରିଣୀ ମାନା ନାୟକଙ୍କୁ ବାରମ୍ବାର ଫୋନ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ ରିସିଭ କରି ନଥିଲେ। ଯାହା ଫଳରେ ତଦନ୍ତ ପାଇଁ ଦାବୀ କରିଛନ୍ତି ଗ୍ରାମବାସି ଏହାର ଦୁର୍ନୀତି ସତ୍ୟାସତ୍ୟ ପଦାକୁ ଆସିବ ଆଗକୁ।

ଜାତୀୟ ଚେତନା
JATIYA CHETANA






# ପରିବର୍ତ୍ତନଶୀଳ ଦୁନିଆ

ଜୀବନ ଖୁବ୍ ସୁନ୍ଦର ଚାଲୁଥିଲା ବେଳେ ଆଜି ସ୍ୱାମୀ ଅଖିଳେଶ ଓ ସ୍ତ୍ରୀ ସୁଜାତା ଦୁହେଁ ଆଗପଛ ହୋଇ ଅବସର ନେବା ପରେ ଏତିକି ଅନ୍ତତଃ ବୁଝିସାରିଥିଲେ ଯେ ପୁଅ-ବୋହୂ ହୁଅନ୍ତୁ ଅବା ଝିଅ-ଜୋଇଁ, ସେମାନେ ସମସ୍ତେ ନିଜ ନିଜ ଜୀବନ ଓ ଜୀବିକାରେ ବ୍ୟସ୍ତ। ତା' ଭିତରେ ବାପା-ମାଆଙ୍କୁ ନେଇ ପାଖରେ ରଖିଲେ ଦୁହେଁ କିଛି ଦିନ ରହି ବୁଲାବୁଲି କରି ପୁଣି ନିଜ ଘରକୁ ଫେରିଆସନ୍ତି। ଅଧିକ ଦିନ ରହିଲେ ଅନୁଭବ ହୁଏ, ଛାଡ଼ି ଆସିଥିବା ନିଜ ଘର ମଧ୍ୟ ହାତଠାରି ଡାକୁଛି। ଏଇ ଯେମିତି କୋଉଠି ଇଲେକ୍ଟ୍ରିକ୍ ତ କୋଉଠି ପାଣି ପାଇପ୍, ପୁଣି କୋଉଠି କାନ୍ଥ ଧଉଳା ତ କୋଉଠି ଫର୍ଣ୍ଣିଚର୍ ଇତ୍ୟାଦିର ରଙ୍ଗ କାମ ହେବା ଦରକାର। ପୁଣି ଓଳାପୋଛା, ଝଡ଼ାଝଡ଼ି କଲାବେଳେ କୋଉଟା ମଧ୍ୟ ରଦ୍ଦି ବୋଲି ମନେହୁଏନା; ତେଣୁ ସାଇତି ସାଇତି ଅଳିଆ ଆବର୍ଜନାରେ ଘର ଭର୍ତ୍ତି। ଫୋପାଡ଼ି ହୁଏନା ସେଇ ପୁରୁଣା ଚପଲ କି ଜୋତା ହଳ ହଳ, କି ଫୋପାଡ଼ି ହୁଏନା ଦୁଇ-ଚାରିଟା ଲେଖାଏଁ ହେଲମେଟ୍ କି ରେନ୍ ?କୋଟ୍ ଅବା ଛତାଗୁଡ଼ିକୁ; କାରଣ ପିଲେ ଘରକୁ ଆସିଲେ ଋତୁ ଅନୁଯାୟୀ ସେସବୁକୁ ଖୋଜି ବସନ୍ତି, ଅବା ବାଇକ୍ ନେଇ ପୁରୀ ଯିବାକୁ ବାହାରନ୍ତି।

ଏମିତିକି ନିମନ୍ତ୍ରଣ କାର୍ଡଗୁଡ଼ିକୁ ମଧ୍ୟ ଫୋପାଡ଼ି ପାରନ୍ତିନି ସୁଜାତା। ଭାବନ୍ତି, କିଏ କେତେ ଶ୍ରଦ୍ଧା, ସମ୍ମାନ ଓ ଆନ୍ତରିକତାରେ ପୁଅ ବ୍ରତଘର, ଝିଅ ବାହାଘର କି ପୁଅ ବାହାଘର ନିମନ୍ତ୍ରଣ କାର୍ଡ ଛପେଇ ସେଥିରେ ହଳଦୀ-ସିନ୍ଦୁର ଲଗେଇ, ଅରୁଆ ଚାଉଳ ଭରି, ଗୁଆ ସହିତ ଅବା ଖାଲିରେ ହେଉ ଦେଇଯାଇଛନ୍ତି। ଆନ୍ତରିକତାରେ ଦେଇଥିବା ସେହି କାର୍ଡକୁ ଫିଙ୍ଗିବା, ଫୋପାଡ଼ିବା କି ଚିରିବାକୁ ସୁଜାତାଙ୍କ ହାତ ଯାଏନି। ତେଣୁ ନିମନ୍ତ୍ରଣ ପତ୍ରଗୁଡ଼ାକ ପଲିଥିନ ବ୍ୟାଗ୍‌ରେ ଥାକ ଥାକ ହୋଇ ଅଳିଆ ହେଉଥାଏ। ପୁଣି ଫୋପାଡ଼ି ହୁଏନି ପିଲାଙ୍କର ପୁରୁଣା ଡ୍ରେସ୍। କେତେ ସ୍ମୃତି ବିଜଡ଼ିତ ସେହି ପୁରୁଣା ଡ୍ରେସ୍‌କୁ ଗନ୍ଥା (କନ୍ଥା) କଲେ ଯେମିତି ଲାଗେ ପିଲାଙ୍କ ଦେହରେ ଛୁଞ୍ଚି କେଞ୍ଚି ହେଇଯିବ। କାହାକୁ ଦେଇ ମଧ୍ୟ ହୁଏନି, କାରଣ ସମସ୍ତଙ୍କର ନିଜ ସ୍ୱାଭିମାନ ରହିଛି। ଏମିତିକି ଘରେ କାମ କରୁଥିବା ରମା କହେ- 'ଦେବ ଯଦି ନୂଆ ଖଣ୍ଡେ ଦିଅ ମାଆ, ବଡ଼ ଭାଇ-ଭଉଣୀଙ୍କ କପଡ଼ା କଣ ସାନ ଭାଇ-ଭଉଣୀମାନେ ଥିଲେ ପିନ୍ଧନ୍ତିନି ?' ଏସବୁ ଶୁଣିଲେ ମଧ୍ୟ ଦେଇ ହୁଏନା ! ମୁହଁ ଖୋଲି କହିଲେ ମଧ୍ୟ ଖାଲି ପାଟି ସାରିବା ସାର୍ ହୁଏ।

ଆଉ ସେ ଯେବେ ଘରେ ଦୁଇରୁ ଅଧିକ ଥିବା ପ୍ରେସର୍ କୁକର୍‌ରୁ ଗୋଟେ ନାତି ପାଇଁ ଖେଚେଡ଼ି କରିବ କହି ମାଗିନିଏ ଓ ଦୁଇଟା ଥର୍ମୋଫ୍ଲାସ୍କ ଦେଖି ଗୋଟିଏ ଅସୁସ୍ଥ ନାତୁଣୀ ପାଇଁ ଗରମ ପାଣି ରଖିବାକୁ ମାଗିନିଏ, ପୁଅ କହେ- 'କୋଉଟା ଦେବା କଥା କୋଉଟା ନଦେବା କଥା ମାଆଙ୍କୁ ଜମା ଜଣା ନାହିଁ।' ଝିଅ ମଧ୍ୟ କହେ- 'ମୁଁ ଆଣି ଦେଇଥିବା ବାପାଙ୍କ ପାଇଁ ଦୁଇଦୁଇଟା କାଲକୁଲେଟର୍, ବ୍ଲଡ୍ ପ୍ରେସର୍ ମପା ଯନ୍ତ୍ର କି ଥର୍ମୋମିଟର୍ ଆଉ କାହାକୁ ଦେଇଦେବୁନି ମାଆ !' ସେ ପୁଣି ଭାଇକୁ କହୁଥାଏ- 'ଦେଖୁନୁ, ମୁଁ ଆଣିଦେଇଥିବା ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତି, ଯଥା ଗୋଡ଼ ହାତ ଘଷିବା ଉପକରଣ ଓ ଅନ୍ୟାନ୍ୟ ଜିନିଷ ସବୁ କେମିତି ମଇଳା, ଅସନା ଓ ଧୂଳିଧୂସରିତ ହୋଇ ପଡ଼ିଛି ! ଏଗୁଡ଼ା ରମାକୁ କହି ସଫାସଫି କରେଇବା କଥା କି ନୁହଁ !' ରମା ତ କଥା ଶୁଣେନି, ବରଂ ଅଖିଳେଶ ସେଗୁଡ଼ିକୁ ଝାଡ଼ିଝୁଡ଼ି ରଖାଥୁଆ କରୁ କରୁ ଡଷ୍ଟ ଆଲର୍ଜି ଯୋଗୁଁ କାଶ, କଫ ଓ ଶ୍ୱାସରେ ପୀଡ଼ିତ ହୁଅନ୍ତି। ସେ ସାଇଟିକା, ଆଜ୍‌ମା ଓ ଧଇଁସଇଁ ଇତ୍ୟାଦି ରୋଗ ଭୋଗୁଥିବା ବେଳେ, ସୁଜାତା ମଧ୍ୟ ଅସାବଧାନତା ବଶତଃ ପଡ଼ିଯାଇ ଏବେ ବାମ ହାତ ଅଚଳ ହେବା ଯୋଗୁଁ ନା ଲୁଗାପଟା ଠିକ୍‌ରେ ପିନ୍ଧିପାରୁଛନ୍ତି ନା ନିଜ ବେଡ୍ ଝାଡ଼ିପାରୁଛନ୍ତି ! ରମା ମଧ୍ୟ ଏସବୁ ଦେଖି ନାକ ଟେକେ। କେବେ କାମ କରେ ତ କେବେ ମୁହଁ ବୁଲେଇ ଚାଲିଯାଏ। ଦୁହିଁଙ୍କର ରଜନୀ ବିନିଦ୍ରରେ ବିତୁଥାଏ।

ପୁଅ ଡାକେ ପାଖକୁ କଲିକତା ଯିବାକୁ ଓ ଝିଅ ଖୋଜେ କୋରାପୁଟ ଚାଲିଆସ କହି, କିନ୍ତୁ ସୁଜାତାଙ୍କ ମନରେ ସେହି ଗୋଟିଏ ପ୍ରଶ୍ନ ! ରମା କାମ କରିପାରୁନି, ବୋହୂ କେତେ ଦିନ କରିବ ? ଝିଅ ନିଜ ଶାଶୂ-ଶ୍ୱଶୁରଙ୍କ ଦାୟିତ୍ୱ ଓ ପିଲାମାନଙ୍କ ଦାୟିତ୍ୱ ନେବ ନା ବାପା-ମାଆଙ୍କ ସେବା କରିବ ? 'ତେବେ ଶେଷ ଜୀବନରେ ଅନାଥ ଆଶ୍ରମକୁ ଚାଲିଯିବା କି ?' ପଚାରନ୍ତି ସୁଜାତା। ସେଇ ଗୋଟିଏ ପ୍ରଶ୍ନକୁ ବାରମ୍ବାର ପଚାରୁଥିବାରୁ ସ୍ୱାମୀ ବିରକ୍ତ ହୁଅନ୍ତି। 'ଆଗଚଲା କଥା ତୁମର କେବେ ଯିବନି' କହି ବିରକ୍ତ ହୁଅନ୍ତି। ପୁଣି କେବେ 'ଆଗତ ଚଢ଼େଇକୁ ବେସର ବଟା ହେଉଛି' କହି ପାଟି କରନ୍ତି। ସୁଜାତା ନିଜ ପ୍ରଶ୍ନ ନିଜ ଭିତରେ ରଖି ଚୁପ୍ ହୋଇଯାଆନ୍ତି ସିନା, କିନ୍ତୁ ଅନାଗତ ଭବିଷ୍ୟତ କଥା ଚିନ୍ତା କରି ବିନିଦ୍ର ରଜନୀ କାଟୁଥାନ୍ତି।

ଏମିତି ଚୁପ୍ ରହି କଷ୍ଟେମଷ୍ଟେ 'ନିଜ ଶିଙ୍ଗରେ ନିଜେ ମାଟି ତାଡ଼ି' ଚାଲୁଥିବା ସୁଜାତା ମାନସିକ ଭାବେ ଭାଙ୍ଗି ପଡ଼ନ୍ତି। ବାସ୍ତବବାଦୀ ଚିନ୍ତାଧାରାର ଏହି ମଣିଷଟି ସେଇ ପ୍ରଶ୍ନ ସ୍ୱାମୀଙ୍କୁ ପଚାରିବାକୁ ଆଉ ସାହସ କରୁନଥିଲେ ମଧ୍ୟ ଶାରୀରିକ ଅବକ୍ଷୟ ତାଙ୍କୁ ନିସ୍ତେଜ କରିଦିଏ। ପ୍ରଥମରୁ ଭାବୁଥିଲେ ରମା ଅଛି, ଯାହା ନେଉଛି ନେଉ, ଯାହା କରଉଛି କରୁ, ହେଲେ ସିଏ ବି ତ ମଣିଷ। ସେ ମଧ୍ୟ ଅସୁସ୍ଥ ହେବା ପରେ ଆଉ ଆସିଲାନି। ଅନ୍ୟ ଲୋକ ତା' ସ୍ଥାନରେ ମିଳିଲେନି। ଘର କାମ ଅପେକ୍ଷା ସ୍ତ୍ରୀ ଲୋକମାନେ ଆଜିକାଲି ଇଟାଭାଟି କାମ, ଶ୍ରମିକ କାମ ଓ ଧାନ ରୁଆ, ବିଲ ବଛା କାମକୁ ଅଧିକ ପସନ୍ଦ କଲେଣି। ଅଖିଳେଶ ଯେତେ କହିଲେ ବି ଘରୋଇ କାମ ମାତ୍ର ଦୁଇ ଘଣ୍ଟାର, ପୁଣି ଛାଇ ତଳ ସାଙ୍ଗକୁ ଜଳଖିଆ ଓ ଭୋଜନର ବ୍ୟବସ୍ଥା ଥାଏ; କିନ୍ତୁ ସେକଥା ସୁଜାତାଙ୍କୁ ଶୁଣେଇଲେ ଲାଭ ନାହିଁ। ବରଂ ଲୋକଙ୍କୁ ବୁଝେଇ କାହାକୁ ଘରର ଛୋଟମୋଟ କାମ ପାଇଁ ବୁଝି ଆଣିବା ଆଉ ଅଖିଳେଶଙ୍କ ଦ୍ୱାରା ସମ୍ଭବ ନଥିଲା।

ଆଗରୁ ପୁଅ-ଝିଅଙ୍କ ପାଖକୁ ଗଲେ ବୁଲାବୁଲି, କିଣାକିଣି ଇତ୍ୟାଦି ସହିତ ବହୁତ ଦେବଦେବୀ ଦର୍ଶନ କରିବାକୁ ମିଳୁଥିଲା। ଏବେ କିନ୍ତୁ ପୁଅର ଟିକି ପୁଅ ବୁଝିପାରୁନି କି କାହିଁକି ଜେଜେମାଆ ଆଗପରି ତାକୁ କାଖ କରୁନି ! ସେଇ ଜଣକ ତ କେବଳ ତା' ଦୁଃଖ ବୁଝୁଥିଲା। ଘୋଡ଼ାଗାଡ଼ି କି ରିକ୍ସା ନମିଳିଲା ବେଳେ ନିଜ କାଖରେ ତୋଳି ନେଇ ଟିକେ ବିରାମ ଦେଉଥିଲା ତା' କୁନି କୁନି ପାଦକୁ। ଏବେ ଜେଜେମାଆ କାହିଁକି ତାକୁ ଧରୁନି ବୋଲି ସେ ସିନା ବୁଝିପାରେନି, ହେଲେ ଜେଜେମାଆ ଲାଜ ସରମରେ ବାର୍ଦ୍ଧକ୍ୟ ଘୋଡ଼ାଉ ଘୋଡ଼ାଉ ପୁଅ ଘରକୁ ଯିବାକୁ ଆଉ ରାଜି ହୁଅନ୍ତିନି। କି ଝିଅ ଘରେ ତା' ଶାଶୁ-ଶଶୁରଙ୍କ ସହ ଚଳିବାକୁ ଦୁହିଁଙ୍କୁ ମାଡ଼ି ମାଡ଼ି ପଡ଼େ, ଯଦିଓ ସେ ଦୁହେଁ ବହୁତ ଭଲ ଲୋକ। ଗୋଡ଼ ଦୁଇଟି ଉଠିଯାଏ କିନ୍ତୁ ପାଦ ପଡ଼େନି ପୁଅ ଘରକୁ ଅବା ଝିଅ ପାଖକୁ ଯିବାକୁ।

ପାଦ ବଢ଼ିଗଲା କିନ୍ତୁ ସୁଜାତାଙ୍କର ସ୍ୱର୍ଗକୁ। ଅଳତା ଲଗା ଗୋରା ଗୋରା ପାଦ ଦୁଇଟି ସୁଜାତାଙ୍କର କୋକେଇରୁ ଓହଳି ଓହଳି ପୁରୀ ସ୍ୱର୍ଗଦ୍ୱାର ଯାଏଁ ଯିବା ଦୃଶ୍ୟକୁ ମନେ ପକାଇ କାନ୍ଦିଲେ ପୁଅ, ଝିଅ, ଜୋଇଁ, ବୋହୂ ଓ ନାତି, ନାତୁଣୀ ତଥା ଦୁଇ ପଟର ଭାଇ-ଭଉଣୀ। ପରେ ପରେ ସମସ୍ତେ ଭୁଲିଗଲେ କାହାର କେଉଁ ପରି କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଥିଲା। ଏଣେ ଏକା ହୋଇଗଲେ ଅଖିଳେଶ। ମନେ ପଡୁଥିଲା ସ୍ତ୍ରୀଙ୍କ ସେହି ଶେଷ କିନ୍ତୁ ଏକା ପ୍ରଶ୍ନ- 'ଅନାଥ ଆଶ୍ରମକୁ ଚାଲିଗଲେ କେମିତି ହୁଅନ୍ତା ! ପେନସନ୍ ପଇସା ଧରେଇ ଦିଅ ଓ ଜଞ୍ଜାଳ ମୁକ୍ତ ରୁହ।' ସତକୁ ସତ ସେୟା ହେଲା। ଅଖିଳେଶ ସହରର ଏକ ଖ୍ୟାତନାମା ଅନାଥ ଆଶ୍ରମକୁ ଚାଲିଗଲେ। ଜଞ୍ଜାଳ ନଥିବ କି ସ୍ମୃତି ଜାବୁଡ଼ି ଧରୁନଥିବ ମନ କି ହୃଦୟ; ବରଂ ସହସାଥୀ ବୟସ୍କ ବୃଦ୍ଧ ଓ ବୃଦ୍ଧାଙ୍କ ସହ ଜୀବନ ଅତିବାହିତ ହେବ ଐଶ୍ୱରିକ ଚିନ୍ତାରେ। ଚେତନା ଆସିବ ମନ-ହୃଦୟରେ ସମସ୍ତଙ୍କୁ କ୍ଷମା କରିଦେବାକୁ। ଚୈତନ୍ୟ ଆସିବ ଭାବି- ଏହି ଯେ କି ଲୋଭ, କି ମାୟା ! ସବୁ ତୁଚ୍ଛ ଓ ସବୁ ଅଳୀକ। ଜୀବନର ମାନେ ଦୁଇଦିନିଆ, ଅର୍ଥାତ 'ଦୁଇଟି ନିଆଁ' (ଜନ୍ମର ନିଆଁ ଓ ଶ୍ମଶାନର ନିଆଁ)।

ସୁଜାତା ଓ ଅଖିଳେଶଙ୍କ ବୋହୂ ସୁଭଦ୍ରା ଏବେ ଝିଅର ମାଆ। ସୁଭଦ୍ରାଙ୍କ ସହ ଝିଅ ସ୍ନାତା ତାଜମହଲର ଦକ୍ଷିଣ ପାର୍ଶ୍ୱରେ ବସିଥାନ୍ତି। ଅନ୍ୟମାନେ ବୁଲି ବୁଲି ଦେଖୁଥାନ୍ତି ତାଜମହଲ ସହିତ ଶୁଣୁଥାନ୍ତି ଗାଇଡ୍‌ଙ୍କଠାରୁ ଐତିହାସିକ ତଥ୍ୟ। ସୁଭଦ୍ରା ଓ ଝିଅ ସ୍ନାତା ବୁଲି ବୁଲି ଥକି ପଡ଼ିଥିଲା ବେଳେ ବସିଯାଇଥାନ୍ତି ଘଡ଼ିଏ। ଆଉ କୋଉ କଥା ମନକୁ ଆସୁନଥାଏ ଏହି କ୍ଷଣି, କେବଳ ପ୍ରେମ ! ସେ କେମିତି ଜିନିଷ ଯେ ପ୍ରେମ ପାଇଁ ଏଡ଼େ ବଡ଼ ସ୍ମୃତି ସୌଧ ତାଜମହଲ ନିର୍ମାଣ ହୋଇପାରିଥିଲା ! ଇତିହାସର ଏ ଅମର ପ୍ରେମ କେତେଜଣଙ୍କୁ ବା ମିଳେ ଜୀବନରେ ! ବହୁ ଐତିହାସିକଙ୍କ ଲେଖାରେ ଭିନ୍ନତା ଥିଲେ ମଧ୍ୟ କଥା ଗୋଟିଏ, ତାହା ହେଉଛି ପ୍ରେମ। ଭାବୁ ଭାବୁ ଏତିକି ବେଳକୁ ବୁଲି ବୁଲି ସ୍ୱାମୀଙ୍କ ମୁହଁ ଶୁଖିଯାଇଥାଏ, ତେଣୁ ସେ ଆସି ବସିପଡ଼ିଲେ ମାଆ-ଝିଅ ବସିଥିବା ସ୍ଥାନରେ। କହିଲେ- 'ଦେଖିଲ ପ୍ରେମର ସ୍ମାରକୀ କି ସୁନ୍ଦର !' ସୁଭଦ୍ରା କହିଲେ- 'ହଁ, ଏ ଶଙ୍ଖମଲମଲ (ଶ୍ୱେତ ମାର୍ବଲ) ତାଜମହଲ ସତରେ ବିଶ୍ୱର ସପ୍ତାଶ୍ଚର୍ଯ୍ୟ।' ଝିଅ ସ୍ନାତା ବାପାଙ୍କୁ ପାଣି ବଢ଼େଇ ଦେଉ ଦେଉ କହୁଥିଲା- 'ସେତେବେଳେ ରାଜାମାନେ ତାଙ୍କ ପ୍ରେମକୁ ପାଇବାକୁ କଳ-ବଳ-କୌଶଳ ପ୍ରୟୋଗ କରି ଯେମିତି ହେଲେ ହାସଲ କରୁଥିଲେ, କିନ୍ତୁ ଏବେ ଜାତିପ୍ରଥା, ପରିବାରର କଟକଣା, ଉଚ୍ଚ-ନୀଚ ଭେଦଭାବ ତ ପ୍ରେମକୁ ଓ ପ୍ରେମୀ ଯୁଗଳଙ୍କୁ ପରସ୍ପର ଠାରୁ ଅଲଗା କରିଦେଉଛି।' 'କାହିଁକି, ତୋ ଭାଇର ପ୍ରେମକୁ ତ ଆମେ ସ୍ୱୀକୃତି ଦେଇଛୁ' କହୁଥିଲେ ସୁଭଦ୍ରା। 'ହଁ, ସେ ନିଜ ଜାତିରେ ପସନ୍ଦ କରିଥିଲା ବୋଲି ସ୍ୱାଧୀ ଆମଘର ବୋହୂ ହୋଇପାରିଲା।' ଏତିକି କହିଲା ବେଳକୁ ପୁଅ ଅର୍ଜୁନ (ବାବା) ସହ ବୋହୂ ସ୍ୱାଧୀ ଫେରିଆସିଥିଲା, ତ ଚୁପ୍ ହୋଇଯାଇଥିଲେ ସମସ୍ତେ।

ସୁଭଦ୍ରା କିନ୍ତୁ ନୀରବତା ଭାଙ୍ଗି କହିଥିଲେ— 'ତୁ କିଛି ଜାଣିନୁ ସ୍ନାତା। ତୋ ଭାଇ ମଧ୍ୟ ଛୋଟ ଥିଲା। ତୋ ଜେଜେ ଓ ଜେଜେମାଆଙ୍କ ମଧ୍ୟରେ ମଧ୍ୟ ଅନାବିଳ ପ୍ରେମ ଥିଲା। ଜେଜେମାଆ ସୁଜାତା ମରିବା ଆଗରୁ ଅନାଥ ଆଶ୍ରମରେ ଶେଷ ଜୀବନରେ ରହିବାକୁ ଚାହୁଁଥିବାରୁ, ତୁମ ଜେଜେ ଅଖିଳେଶ ବାବୁ ସେୟା ହିଁ କରିଥିଲେ।' ସ୍ନାତା କିନ୍ତୁ ଭାଇ ଅର୍ଜୁନକୁ କହୁଥିଲା— 'ତୁ ଆମ ବାପା-ମାଆଙ୍କୁ କେବେ ଅନାଥ ଆଶ୍ରମ ଛାଡ଼ିବୁନି କହିଦେଉଛି ଭାଇ, ନଚେତ ମୁଁ ନେଇଯିବି ମାଆ-ବାପାଙ୍କୁ ମୋ ପାଖକୁ।'

ସୁଭଦ୍ରା ଜାଣନ୍ତି ଝିଅ ସ୍ନାତା ପ୍ରେମରେ ପଡ଼ିଛି। ପୁଅଟି ଇଞ୍ଜିନିୟର୍ ହେଲେ କ'ଣ ହେବ, ଛୋଟ ଜାତି ଓ ତାଙ୍କ ସମକକ୍ଷ ନୁହଁନ୍ତି ପୁଅର ପରିବାର; ତେଣୁ କଥାଟା ଆଗକୁ ବଢ଼ିନି। ମାନେ ବାପା କି ଭାଇ ଏ ବିଷୟରେ ଜାଣିବାକୁ ପାଇନାହାନ୍ତି। ପୁଅ ଅର୍ଜୁନ ବଡ଼ ଓ ଝିଅ ସ୍ନାତା ସାନ, କିନ୍ତୁ ଭାଇ-ଭଉଣୀ ସାଙ୍ଗ ପରି। ପୁଅ ଆଗ ଜନ୍ମ ହୋଇଥିବାରୁ ବଡ଼ ବୋଲାଏ ସିନା, ସବୁ କଥାରେ ସ୍ନାତା ସହ ସାଙ୍ଗ। 'ତାଜମହଲ ବୁଲିବାକୁ ଆସିଲେ କି ଲାଭ ମନ ଯଦି ସଂକୀର୍ଣ୍ଣ ଥିବ ! ପ୍ରେମର ମୂଲ୍ୟ କଣ ବୁଝିହେବ ?' କହୁଥିଲା ସ୍ନାତା। 'ତୁ ଚୁପ୍ ରହ' କହୁଥିଲେ ସୁଭଦ୍ରା। ବାପା-ଭାଇ କିନ୍ତୁ କହୁଥିଲେ- 'ଠିକ୍ କହୁଛି ସିଏ, ତାକୁ କହିବାକୁ ଦିଅ। ସେଇଥିପାଇଁ କି ତ ତୁମେ କୁମାକୁ ଆମଘରେ କାମ କରିବାକୁ ରଖିଲନି ନା ?' 'ଏଠାରେ କୁମା କଥା କାହିଁ ଉଠୁଛି ଯେ ?' 'ଉଠିବନି କେମିତି ? କୁମାର ଝିଅ ଲକ୍ଷ୍ମୀ ପରା ପ୍ରେମ କରି ଅନ୍ୟ ଜାତିରେ ଯାଇଛି ଶୁଣି ତୁମେ କୁମାକୁ କାମ କରିବାକୁ ରଖିନଥିଲୁ' କହୁଥିଲା ଅର୍ଜୁନ। 'ଏଥିରେ କୁମାର କି ଦୋଷ ?' 'ତେବେ କଣ ତା' ଝିଅର ଦୋଷ ବାପା ?' 'ନା, ତା' ଝିଅର ମଧ୍ୟ ଦୋଷ ନାହିଁ। ଦୋଷ ହେଲା ଅନ୍ଧବିଶ୍ୱାସର, ଦୋଷ ହେଲା ସଂକୀର୍ଣ୍ଣ ମନୋଭାବର।' ଏଥର ଝିଅ ମୁହଁ ଉଜ୍ଜଳ ଦିଶୁଥିଲା।

**ସୁନନ୍ଦା ମହାନ୍ତି**
*ସାକ୍ଷୀଗୋପାଳ, ପୁରୀ*

## ଜନ୍ମଭୂମି

ମାଟିର ଗନ୍ଧରେ ଭିଜା
ମୋ ଶୈଶବର ପ୍ରଥମ ସ୍ୱପ୍ନ,
ଖେଳ ଘରର ହସ ଓ କାନ୍ଦ
ଆଜି ବି ଗୁଞ୍ଜରେ ସେହି ଆଙ୍ଗନ।
ଜନ୍ମଭୂମି,
ତୁମେ କେବଳ ଏକ ଭୂଖଣ୍ଡ ନୁହଁ,
ତୁମେ ମୋ ରକ୍ତରେ ବହୁଥିବା
ଅଦୃଶ୍ୟ ଏକ ନଦୀ।
ସହରର ଚାକଚକ୍ୟ ଆଲୋକରେ
ଆଖି ଝଲସିଯାଏ ଯେବେ,
ମନ ଫେରିଯାଏ ସେହି ପଥରେ
ଯେଉଁଠି ଧୂଳି ଥିଲା ସୁନାଠାରୁ ଦାମୀ।
ତୁମ ଆକାଶ ତଳେ
ମୁଁ ଶିଖିଥିଲି ଉଡ଼ିବାର ସ୍ୱପ୍ନ,
ତୁମ ମାଟି ଉପରେ
ଲେଖିଥିଲି ଜୀବନର ପ୍ରଥମ ଅକ୍ଷର।
ସମୟ ବଦଳେ,
ବଦଳେ ଲୋକ, ବଦଳେ ଠିକଣା,
କିନ୍ତୁ ଜନ୍ମଭୂମିର ସ୍ମୃତି
କେବେ ବଦଳେ ନାହିଁ।
ସେ ରହିଯାଏ
ହୃଦୟର ଗଭୀର କୋଣରେ,
ଏକ ଦୀପଶିଖା ପରି -
ଅନ୍ଧାରରେ ଯାହା ପଥ ଦେଖାଏ।
ମୋର ପରିଚୟ,
ମୋର ଗର୍ବ,
ମୋର ଅସ୍ତିତ୍ୱର ମୂଳ ସ୍ୱର -
ମୋ ଜନ୍ମଭୂମି।

**ଛବିଳ କୁମାର ସାହୁ**
କଳା ଶିକ୍ଷକ, କୁଣ୍ଡାପିଠା ଉଚ୍ଚ
ବିଦ୍ୟାଳୟ, କୁଣ୍ଡାପିଠା
ଦେବଗଡ଼
ମୋ-୯୯୩୮୦୯୯୪୯୬

## ପକ୍ଷୀ

ପକ୍ଷୀ ଥିଲା ଉଡ଼ିଗଲା
ପଞ୍ଜୁରିଟି ଖାଲି
ଆଉ ଜମା ଫେରିବନି
ଖେଳିବନି ଦୋଳି।
ସମ୍ପର୍କର ବନ୍ଧନରେ
ଥିଲା ଯେତେ ଦିନ
ଆନନ୍ଦ ଉଲ୍ଲାସ ଦେଇ
କିଣୁଥିଲା ମନ।
ଏବେ ପକ୍ଷୀ ଉଡ଼ିଗଲା
ଅଦୃଶ୍ୟତା ରୂପ
ପଞ୍ଜୁରି ଶୋଭା ଦିଶୁନି
ନାହିଁ ଭାବ ଦେଖ।
କି ଲାଭ ମିଳିବ ଆଉ
ପଞ୍ଜୁରି ଦେଖିଲେ
ଯାହା ଥିଲା ହଜିଗଲା
ଶୂନ୍ୟତାର କୋଳେ।
ଶୂନ୍ୟ ସିନା ପଞ୍ଜୁରିଟି
ପୂର୍ଣ୍ଣତାର ପଥ
ଅଦୃଶ୍ୟର ଆକର୍ଷଣ
ସବୁବେଳେ ସତ୍ୟ।

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ, ଖୋର୍ଦ୍ଧା

ଜାତୀୟ ଚେତନା
JATIYA CHETANA



## ଇଣ୍ଡିଆନ୍ ଆଥ୍ଲେଟିକ୍ସ ଆୱାର୍ଡ୍ସ: ଚାରିଜଣଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ୍ ପୁରସ୍କାର

ନୂଆଦିଲ୍ଲୀ,(ଏଜେନ୍ସି): ଭାରତୀୟ ଆଥ୍ଲେଟିକ୍ସ ମହାସଂଘ (ଏଏଫ୍‌ଆଇ) ପକ୍ଷରୁ ଆୟୋଜିତ ପ୍ରଥମ ଇଣ୍ଡିଆନ୍ ଆଥ୍ଲେଟିକ୍ସ ଆୱାର୍ଡ୍ସ ସମାରୋହରେ ଭାରତୀୟ ଖେଳ ଜଗତର ଚାରିଜଣ ମହାନ୍ ହସ୍ତୀଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏମାନଙ୍କ ମଧ୍ୟରେ ମହାନ୍ ଧାବିକା ଏବଂ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ସଭାପତି ପିଟି ଉଷା, ପୂର୍ବତନ ଏସିଆଡ୍ ସ୍ୱର୍ଣ୍ଣ ପଦକ ବିଜେତା ଗୁରବଚନ ସିଂହ ରନ୍ଧାୱା, ପୂର୍ବତନ ଜାତୀୟ ମୁଖ୍ୟ କୋଚ୍ ବାହାଦୁର ସିଂହ ଚୌହାନ୍ ଏବଂ ବିଶ୍ୱ ଚାମ୍ପିଅନ୍‌ଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ଅଞ୍ଜୁ ବବି ଜର୍ଜ ସାମିଲ। ସମ୍ମାନ ଆଶା କରିନଥିବା ପିଟି ଉଷା ଏଏଫ୍‌ଆଇର ଏହି ପଦକ୍ଷେପକୁ ବହୁ ପ୍ରଶଂସା କରିଛନ୍ତି। ଭାରତୀୟ ଆଥ୍‌ଲେଟିକ୍ସର ବିକାଶରେ ଯୋଗଦାନ ଦେଇଥିବା ଖେଳାଳି, କୋଚ୍, ଟେକ୍ନିକାଲ୍ ଅଧିକାରୀ, ମେଣ୍ଟର୍, ରାଜ୍ୟ ସଂଘ ଏବଂ ଅନ୍ୟ ହିତଧାରକଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏଏଫ୍‌ଆଇ ଏହି ପୁରସ୍କାର ସମାରୋହର ଆରମ୍ଭ କରିଛି। ପ୍ରଥମ ସଂସ୍କରଣରେ ମୋଟ ୧୦ ଶ୍ରେଣୀରେ ପୁରସ୍କାର ଦିଆଯାଇଛି।

# ତ୍ରିରାଷ୍ଟ୍ରୀୟ ସିରିଜ ଜିତିଲା ଭାରତ: ୬୬ ରନରେ ହାରିଲା ଶ୍ରୀଲଙ୍କା

ନୂଆଦିଲ୍ଲୀ: ଭାରତ ତ୍ରିରାଷ୍ଟ୍ରୀୟ ସିରିଜ ଜିତିଛି। ଟିମ୍ ଇଣ୍ଡିଆ ୬୬ ରନରେ ଫାଇନାଲ ମ୍ୟାଚ୍ ଜିତିଛି। ବୈଭବ ସୂର୍ଯ୍ୟବଂଶୀ ଭାରତର ବିଜୟର ନାୟକ ଥିଲେ। ଭାରତ ଏ ଏବଂ ଶ୍ରୀଲଙ୍କା ଏ ମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍ ଏକତରଫା ଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ଏ ୫୦ ଓଭରରେ ୯ ୱିକେଟ୍ ହରାଇ ୩୭୭ ରନ କରିଥିଲା। ଜବାବରେ ଶ୍ରୀଲଙ୍କା ଏ କେବଳ ୩୧୧ ରନ କରିପାରିଥିଲା। ବୈଭବ ସୂର୍ଯ୍ୟବଂଶୀ ମାତ୍ର ୨୯ ବଲ୍ ରେ ୯୪ ରନର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ। ଯଶ ଠାକୁର ଏବଂ ବିପ୍ରଜ ନିଗମ ପ୍ରତ୍ୟେକ ୩ ଟି ଲେଖାଏଁ ୱିକେଟ୍ ନେଇଥିଲେ। ଭାରତ ପାଇଁ ପ୍ରିୟାଂଶ ଆର୍ଯ୍ୟ ଏବଂ ବୈଭବ ସୂର୍ଯ୍ୟବଂଶୀ ୮.୫ ଓଭରରେ ୧୩୨ ରନର ଓପନିଂ ପାର୍ଟନରସିପ୍ କରିଥିଲେ। ପ୍ରିୟାଂଶ ଆର୍ଯ୍ୟ ୨୯ ବଲ୍ ରେ ୩୯ ରନ କରିଥିଲେ, ୬ ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ବୈଭବ ସୂର୍ଯ୍ୟବଂଶୀ ୨୯ ବଲ୍ ରେ ୯୪ ରନ କରିଥିଲେ। ସେ ୧୦ ଚୌକା ଏବଂ ୮ ଛକା ମାରିଥିଲେ। ଋତୁରାଜ ଗାୟକୱାଡ ୪୦




ରନର ଅବଦାନ ରଖିଥିଲେ। ଅଧିନାୟକ ତିଲକ ବର୍ମା ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ। ତିଲକ ୯୦ ବଲ୍‌ରେ ୪ ଚୌକା ଏବଂ ୧ ଛକା ମାରି ୬୭ ରନର ଇନିଂସ ଖେଳିଥିଲେ। କୁମାର କୁଶାଗ୍ର ୩୬, ସୂର୍ଯ୍ୟାଂଶ ଶେଡଗେ ୦୨, ନିଶାନ୍ତ ସିନ୍ଧୁ ୧୬ ଏବଂ ବିପ୍ରଜ ନିଗମ ୨୭ ରନ କରିଥିଲେ। ଅଙ୍କୁଲ ରୟ ଶେଷରେ ମାତ୍ର ୧୫ ବଲ୍‌ରେ ୩୯ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହା ଭାରତ ଏ ଦଳକୁ ୩୭୭ ରନର ବିଶାଳ ସ୍କୋର କରିବାକୁ ସାହାଯ୍ୟ କରିଥିଲା। ଜବାବରେ, ଶ୍ରୀଲଙ୍କା ୪୭.୧ ଓଭରରେ କେବଳ ୩୧୧ ରନ କରିପାରିଥିଲା। ନିରୋଶାନ ଡିକୱେଲା ୨୫, ଅଭିଷ୍କା ଫର୍ଣ୍ଣାଣ୍ଡୋ ୦୩, ନୁୱାଣ୍ଡୁ ଫର୍ଣ୍ଣାଣ୍ଡୋ ୨୧, ସଦୀରା ସମରବିକ୍ରମା ୫୨, ସହନ ଅରଚିଙ୍ଗେ ୩୮, ରବିନ୍ଦୁ ଫର୍ଣ୍ଣାଣ୍ଡୋ ୧୯, ବିଜୟକାନ୍ତ ବ୍ୟାସକାନ୍ତ ୩୯, ମହମ୍ମଦ ଶିରାଜ ୨୧ ଏବଂ ଦୁଲଜ ସମୁଧିଥା ୧୫ ରନ କରି ଆଉଟ ହୋଇଥିଲେ। ଭାରତ ଦେଇଥିବା ବିଶାଳ ସ୍କୋର ଆଗରେ ଶ୍ରୀଲଙ୍କା ଦଳ ସମ୍ପୂର୍ଣ୍ଣ ୫୦ ଓଭର ମଧ୍ୟ ଖେଳିପାରି ନଥିଲା। ଭାରତ ପକ୍ଷରୁ ବୋଲିଂ କରି ଯଶ ଠାକୁର ୭ ଓଭରରେ ୪୫ ରନ ଦେଇ ତିନୋଟି ୱିକେଟ ନେଇଥିଲେ। ଅଶୋକ ଶର୍ମା ୯ ଓଭରରେ ୭୫ ରନ ଦେଇ ଗୋଟିଏ ୱିକେଟ ନେଇଥିଲେ। ବିପ୍ରଜ ନିଗମ ୯.୧ ଓଭରରେ ୬୦ ରନ ଦେଇ ତିନି ଶ୍ରୀଲଙ୍କା ଖେଳାଳିଙ୍କୁ ଆଉଟ କରିଥିଲେ। ଅଙ୍କୁଲ ରୟ ୯ ଓଭରରେ ୪୨ ରନ ଦେଇ ଦୁଇଟି ୱିକେଟ ନେଇଥିଲେ। ତିଲକ ବର୍ମା ମଧ୍ୟ ଗୋଟିଏ ୱିକେଟ ପାଇଥିଲେ।

## ଇତିହାସ ରଚିଲେ ଫାତିମା ସନା: ଦ ହଣ୍ଡ୍ରେଡ୍‌ରେ ପ୍ରଥମ ପାକିସ୍ତାନୀ ମହିଳା ଖେଳାଳି

ନୂଆଦିଲ୍ଲୀ,(ଏଜେନ୍ସି): ପାକିସ୍ତାନ ମହିଳା କ୍ରିକେଟ୍ ଟିମ୍ କ୍ୟାପ୍‌ଟେନ୍ ଫାତିମା ସନା ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି। ଫାତିମାଙ୍କୁ ଇଂଲଣ୍ଡର ପ୍ରତିଷ୍ଠିତ ଫ୍ରାଞ୍ଚାଇଜି ଲିଗ୍ ଦ ହଣ୍ଡ୍ରେଡ୍‌ର ମହିଳା ସଂସ୍କରଣ ପାଇଁ ମନୋନୀତ କରାଯିବାରେ ସେ ପାକିସ୍ତାନର ପ୍ରଥମ ମହିଳା ଖେଳାଳି ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ୱାଇଲ୍ଡକାର୍ଡ ଡ୍ରାଫ୍ଟରେ ବର୍ମିଂହାମ୍ ଫିନିକ୍ସ ତାଙ୍କୁ ନିଜ ଟିମ୍‌ରେ ସାମିଲ କରିଛି। ୨୨ ବର୍ଷୀୟା ସନାଙ୍କୁ ବର୍ମିଂହାମ୍ ଫିନିକ୍ସ ଚତୁର୍ଥ ବିଦେଶୀ ଖେଳାଳି ରୂପେ ସ୍ୱାକ୍ଷର କରିଛି। ଅଷ୍ଟ୍ରେଲୀୟ ଖେଳାଳି ଲୁସି ହାମିଲ୍‌ଟନ୍ ଓହରିଯିବା ପରେ ଏହି ସ୍ଥାନ ଖାଲି ପଡ଼ିଥିଲା। ଫାତିମା ସନାଙ୍କ ଚୟନ କେବଳ ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ବରଂ ପାକିସ୍ତାନ ମହିଳା କ୍ରିକେଟ୍ ପାଇଁ ମଧ୍ୟ ଏକ ଐତିହାସିକ କ୍ଷଣ। ବର୍ତ୍ତମାନ ସୁଦ୍ଧା କୌଣସି ପାକିସ୍ତାନୀ ମହିଳା ଖେଳାଳି ଦ ହଣ୍ଡ୍ରେଡ୍‌ର ଅଂଶବିଶେଷ ହୋଇପାରି ନଥିଲେ। ଚଳିତ ବର୍ଷ ଦ ହଣ୍ଡ୍ରେଡ୍‌ରେ କଣ୍ଟ୍ରାକ୍ଟ ହାସଲ କରିବାରେ ସନା ତୃତୀୟ ପାକିସ୍ତାନୀ ଖେଳାଳି ହୋଇଛନ୍ତି। ଏହା ପୂର୍ବରୁ ଉସ୍‌ମାନ୍ ତାରିକଙ୍କୁ ବର୍ମିଂହାମ୍ ଫିନିକ୍ସ ଏବଂ ମିଷ୍ଟ୍ରି ସ୍ପିନର୍ ଅବରାର୍ ଅହମଦ୍‌ଙ୍କୁ ସନ୍‌ରାଇଜର୍ସ ଲିଡ୍ସ ନିଜ ନିଜ ଟିମ୍‌ରେ ସାମିଲ କରିଥିଲେ। ଅବରାର୍‌ଙ୍କୁ ମାର୍ଚ୍ଚରେ ଅନୁଷ୍ଠିତ ଅକ୍ସନ୍‌ରେ ୧.୯୦ ଲକ୍ଷ ପାଉଣ୍ଡ୍‌ର ବଡ଼ ଅର୍ଥରେ କିଣାଯାଇଥିଲା।

## ଭାରତ ବିପକ୍ଷ ଟେଷ୍ଟ୍ ପାଇଁ ଇଂଲଣ୍ଡ ମହିଳା ଟିମ୍ ଘୋଷିତ

ଲଣ୍ଡନ,(ଏଜେନ୍ସି): ଆସନ୍ତା ଜୁଲାଇରେ ଲର୍ଡ୍ସ ଷ୍ଟାଡିୟମ୍‌ରେ ହେବାକୁ ଥିବା ଐତିହାସିକ ଟେଷ୍ଟ୍ ମ୍ୟାଚ୍ ଇଂଲଣ୍ଡ ୧୫ ଜଣିଆ ମହିଳା ଟିମ୍ ଘୋଷଣା କରିଛି। ଏହି ଆଇକନିକ୍ ଭେନ୍ୟୁରେ ଏହା ପ୍ରଥମ ମହିଳା ଟେଷ୍ଟ୍ ମ୍ୟାଚ୍ ହେବ। ଚଳିତ ମାସ ପ୍ରାରମ୍ଭରେ ୧୫୦ତମ ପୁରୁଷ ଟେଷ୍ଟ୍ ମ୍ୟାଚ୍ ଆୟୋଜନ କରିଥିବା ଏହି ପ୍ରସିଦ୍ଧ ଗ୍ରାଉଣ୍ଡ୍‌ରେ ନାଟ୍ ସିଭର୍-ବ୍ରଣ୍ଟ୍ ମହିଳା ଟେଷ୍ଟ୍ ଟିମ୍‌ର ନେତୃତ୍ୱ ନେବାରେ ପ୍ରଥମ ଇଂଲିଶ ମହିଳା ହେବେ। ଟିମ୍‌ରେ କ୍ୟାପ୍‌ଟେନ୍‌ଙ୍କ ସହିତ ଏପରି ଏକ ଗ୍ରୁପ୍ ରହିଛି, ଯେଉଁମାନଙ୍କର ବିଶାଳ ଅନୁଭବ ରହିଛି। ଏହା ମଧ୍ୟରେ କ୍ୟାରିୟର୍‌ର ୧୫ତମ ଟେଷ୍ଟ୍ ଖେଳିବାକୁ ପ୍ରସ୍ତୁତ ହିଥର ନାଇଟ୍ ସାମିଲ। ସେହିପରି ଡେବ୍ୟୁ ଅପେକ୍ଷାରେ ଥିବା ଏଲିସ୍ କ୍ୟାପ୍‌ସୀ, ଟିଲି କୋର୍ଟିନ୍-କୋଲମାନ୍ ଏବଂ




ମ୍ୟାଡି ଭିଲିୟର୍ସ ମଧ୍ୟ ଟିମ୍‌ରେ ସ୍ଥାନ ପାଇଛନ୍ତି। ଇଂଲଣ୍ଡ ମହିଳା ଟେଷ୍ଟ ଟିମ୍: ନାଟ୍ ସିଭର-ବ୍ରଣ୍ଟ (କ୍ୟାପ୍‌ଟେନ୍), ଟାମି ବ୍ୟୁମୋଣ୍ଟ, ଲରେନ୍ ବେଲ୍, ମାୟା ବାଉଚିୟର୍, ଏଲିସ୍ କାପ୍‌ସୀ, ଟିଲି କୋର୍ଟିନ୍-କୋଲ୍‌ମାନ୍, ସୋଫି ଏକ୍ଲେଷ୍ଟୋନ୍, ଲରେନ୍ ଫାଇଲର୍, ଏମି ଜୋନ୍ସ, ହିଥର ନାଇଟ୍, ଏମ୍ମା ଲ୍ୟାମ୍ବ, ଗ୍ରେସ୍ ପଟ୍ସ, ଏଲି ଥ୍ରେଲ୍‌କେଲ୍ଡ, ମ୍ୟାଡି ଭିଲିୟର୍ସ ଏବଂ ଇସି ୱଙ୍ଗ୍।

## କୁହ୍ନାଙ୍କ ଡବଲ୍ ଗୋଲ୍‌ରେ ଜିତିଲା ବ୍ରାଜିଲ୍

ଫିଲାଡେଲ୍‌ଫିଆ,(ଏଜେନ୍ସି): ପାଞ୍ଚ ଥରର ବିଶ୍ୱ ଚାମ୍ପିଅନ୍ ବ୍ରାଜିଲ୍ ଚଳିତ ବିଶ୍ୱକପ୍‌ରେ ପ୍ରଥମ ବିଜୟ ହାସଲ କରିଛି। ଏଠାରେ ଖେଳାଯାଇଥିବା ଗ୍ରୁପ୍-ସି' ମ୍ୟାଚ୍‌ରେ ଟିମ୍ ମାଥେଅସ୍ କୁହ୍ନାଙ୍କ ଡବଲ୍ ଗୋଲ୍ ବଳରେ ହାଇତିକୁ ୩-୦ରେ ହରାଇ ନକ୍‌ଆଉଟ୍ ଆଶା ବଜାୟ ରଖିଛି। ଅନ୍ୟପକ୍ଷରେ ଲଗାତାର ଦୁଇଟି ପରାଜୟ ପରେ ହାଇତି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି। ମ୍ୟାଚ୍‌ର ୨୩ତମ ମିନିଟ୍‌ରେ ଭିନିସିୟସ୍ ଜୁନିୟରଙ୍କ ରିବାଉଣ୍ଡ୍ ଶଟ୍‌ରୁ କୁହ୍ନା ଗୋଲ୍ ଦେଇ ବ୍ରାଜିଲ୍‌କୁ ୧-୦ରେ ଆଗୁଆ କରିଥିଲେ। ଏହା



ବିଶ୍ୱକପ୍‌ରେ କୁହ୍ନାଙ୍କ ପ୍ରଥମ ଗୋଲ୍ ଥିଲା। ଏହାପରେ ୩୬ତମ ମିନିଟ୍‌ରେ ଭିନିସିୟସ୍ ମିଡ୍‌ଫିଲ୍ଡରେ ଆଉ ଏକ ଉନ୍ନତ ପାସ୍ ଦେଇ କୁହ୍ନାଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିଲେ। କୁହ୍ନା ବାମପାଦରେ ଜୋରଦାର ଶଟ୍ ଲଗାଇ ସ୍କୋର୍ ୨-୦ରେ ପହଞ୍ଚାଇଥିଲେ। ପ୍ରଥମ ହାଫ୍‌ର ଠିକ୍ ପୂର୍ବରୁ ମିଡ୍‌ଫିଲ୍ଡର୍ ଲୁକାସ୍ ପେକ୍ତାଙ୍କ ଫ୍ଲିକ୍ ପାସ୍‌ରୁ ଭିନିସିୟସ୍ ଡବଲ୍ ଟଚ୍ ପରେ ହାଇତି ଗୋଲ୍‌କିପର୍ ଆଲେକ୍‌ଜାଣ୍ଡର୍ ପ୍ଲେସିଡ୍‌ଙ୍କୁ ଗୋଡ଼ ମଝିରେ ବଲ୍ ପଠାଇ ଗୋଲ୍ କରିଥିଲେ। ଏହି ତିନି ଗୋଲ୍ ସହିତ ବ୍ରାଜିଲ୍ ବିଶ୍ୱକପ୍‌ରେ ସର୍ବାଧିକ ଗୋଲ୍ କରିଥିବା ଟିମ୍ ହୋଇଛି। ୧୧୬ ମ୍ୟାଚ୍‌ରେ ଟିମ୍‌ର ଗୋଲ୍ ସଂଖ୍ୟା ୨୪୧ ହୋଇଛି। ବ୍ରାଜିଲ୍ ଏହି ମାମଲାରେ ଜର୍ମାନୀର ୨୩୯ ଗୋଲ୍ ବିଶ୍ୱ ରେକର୍ଡକୁ ପଛରେ ପକାଇ ଦେଇଛି। ମ୍ୟାଚ୍‌ର ଦ୍ୱିତୀୟ ହାଫ୍‌ରେ ହାଇତି ପ୍ରତ୍ୟାବର୍ତ୍ତନ ଉଦ୍ୟମ କରିଥିଲେ ମଧ୍ୟ ବ୍ରାଜିଲ୍‌ର ଶକ୍ତିଶାଳୀ ଡିଫେନ୍ସ ଭେଦିବାରେ ସଫଳ ହୋଇନଥିଲା। ୧୯୭୪ ପରେ ପ୍ରଥମ ଥର ବିଶ୍ୱକପ୍ ଖେଳୁଥିବା ହାଇତି ଲଗାତାର ଦୁଇଟି ମ୍ୟାଚ୍‌ରେ ପରାଜିତ ହେବା ପରେ ନକ୍‌ଆଉଟ୍ ଦୌଡ଼ରୁ ବାଦ୍ ପଡ଼ିଛି।

## ନୀରଜ ଚୋପ୍ରାଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଯୋଗ୍ୟତା

ଦୋହା,(ଏଜେନ୍ସି): ଭାରତୀୟ ଷ୍ଟାର୍ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ପ୍ରତ୍ୟାବର୍ତ୍ତନ ପରେ ସିଜନ୍‌ର ପ୍ରଥମ ଇଭେଣ୍ଟ୍‌ରେ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। କତାରରେ ଆୟୋଜିତ ଦୋହା ଡାଏମଣ୍ଡ୍ ଲିଗ୍‌ରେ ନୀରଜ ୮୫.୬୯ ମିଟରର ସର୍ବଶ୍ରେଷ୍ଠ ଥ୍ରୋ କରିଥିଲେ। ଯଦିଓ ସେ ପୋଡିୟମ୍ ଫିନିସ୍‌ରୁ ବଞ୍ଚିତ ହୋଇଛନ୍ତି, ତେବେ ୮୨.୬୧ ମିଟରର ମାର୍କ ଅତିକ୍ରମ କରି ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନରେ ସଫଳ ହୋଇଛନ୍ତି। ନୀରଜଙ୍କ ପ୍ରଥମ ଥ୍ରୋ ଫାଉଲ୍ ହୋଇଥିବା ବେଳେ ଦ୍ୱିତୀୟ ପ୍ରୟାସରେ ୮୨.୭୭ ମିଟର ଏବଂ ତୃତୀୟ ପ୍ରୟାସରେ ୮୫.୬୯ ମିଟର ଥ୍ରୋ କରିଥିଲେ। ଶ୍ରୀଲଙ୍କାର ରୁମେଶ ଥାରଙ୍ଗା ପାଥିରାଗେ ଚତୁର୍ଥ ରାଉଣ୍ଡ୍‌ରେ ୮୮.୬୮ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଗ୍ରେନାଡାର ଆଣ୍ଡରସନ୍ ପିଟର୍ସ (୮୬.୩୪ ମିଟର) ଦ୍ୱିତୀୟ ଏବଂ ଆମେରିକାର କର୍ଟିସ୍ ଥମ୍ପସନ୍ (୮୫.୯୯ ମିଟର) ତୃତୀୟ ସ୍ଥାନରେ ରହିଛନ୍ତି।

## ଆସନ୍ତାବର୍ଷ ସପ୍ତାହକ ପୂର୍ବରୁ ଆଇପିଏଲ୍

ମୁମ୍ବାଇ,(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ଆଗାମୀ ସଂସ୍କରଣ ଗୋଟିଏ ସପ୍ତାହ ପୂର୍ବରୁ ଆରମ୍ଭ ହେବ। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏହା କହିଛନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇକୁ ସାଇକିଆ କହିଛନ୍ତି, ବୃଦ୍ଧି ପାଉଥିବା ଗରମ ଏବଂ ପ୍ରାକ୍-ମୌସୁମୀ ବର୍ଷା କାରଣରୁ ଆଇପିଏଲ୍ ଶୀଘ୍ର ଆରମ୍ଭ ହେବ। ଏହା ମାର୍ଚ୍ଚ ୧୦ ଏବଂ ମେ' ୧୫ ମଧ୍ୟରେ ହୋଇପାରେ। ମେ' ଶେଷ ଭାଗରେ ଅଧିକ ଗରମ ଏବଂ ବର୍ଷାର ଆଶଙ୍କା ଥିବାରୁ ଖେଳାଳି ଏବଂ ଦର୍ଶକଙ୍କୁ ଅସୁବିଧା ହେଉଛି। ବିସିସିଆଇ ଏବଂ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ୍ ଏହାକୁ ନେଇ ଆଲୋଚନା କରୁଛନ୍ତି।

ଜାତୀୟ ଚେତନା
JATIYA CHETANA



## ପରଦା ପଛର

# 'ପତି ପତ୍ନୀ ଔର ୱୋ'

**ବଲିଉଡ୍‌ର ଚେନାଚୁର୍ ସଂସ୍କୃତିରେ କେବଳ ସିନେମା ହିଁ ସୁପରହିଟ୍ ହୁଏନାହିଁ, ବରଂ ପରଦା ପଛର କିଛି ଅକୁହା କାହାଣୀ ମଧ୍ୟ ଦଶନ୍ଧି ଦଶନ୍ଧି ଧରି ଲୋକଙ୍କ ମନରେ ରହିଯାଏ। ରୁପେଲି ପରଦାରେ ଆମେ ଯେଉଁ ଷ୍ଟାରମାନଙ୍କୁ ପ୍ରେମ ଏବଂ ଆଦର୍ଶର ପ୍ରତୀକ ଭାବେ ଦେଖୁ, ସେମାନଙ୍କ ବାସ୍ତବ ଜୀବନର କାହାଣୀ କୌଣସି ସିନେମା ଚିତ୍ରନାଟ୍ୟଠାରୁ କମ୍ ନୁହେଁ। ବିବାହ, ବିଶ୍ୱାସଘାତକତା, ଏବଂ ତ୍ରିକୋଣୀୟ ପ୍ରେମର ଏମିତି କିଛି ଅଧ୍ୟାୟ ବଲିଉଡ୍ ଇତିହାସରେ ଲିପିବଦ୍ଧ ହୋଇ ରହିଛି, ଯାହା ଆଜି ବି ଗଣମାଧ୍ୟମର ଶିରୋନାମା ସାଜେ।**

### ଅମିତାଭ, ଜୟା ଏବଂ ରେଖା:

ବଲିଉଡ୍ ଇତିହାସରେ ଯଦି କୌଣସି ତ୍ରିକୋଣୀୟ ପ୍ରେମ କାହାଣୀକୁ ସବୁଠାରୁ ରହସ୍ୟମୟ ବୋଲି କୁହାଯାଏ, ତେବେ ତାହା ହେଉଛି ଅମିତାଭ ବଚ୍ଚନ, ଜୟା ଭାଦୁଡ଼ି ଏବଂ ରେଖାଙ୍କ କାହାଣୀ। ଏହି କାହାଣୀରେ ଆବେଗ ଅଛି, ନିରବତା ଅଛି ଏବଂ ଅଛି ଏକ ଅସମ୍ପୂର୍ଣ୍ଣ







ଅଧ୍ୟାୟ। ୧୯୭୩ ମସିହାରେ ଅମିତାଭ ବଚ୍ଚନ ଏବଂ ଜୟା ଭାଦୁଡ଼ିଙ୍କ ବିବାହ ସମ୍ପନ୍ନ ହୋଇଥିଲା। ସେତେବେଳେ ଜୟା ଜଣେ ପ୍ରତିଷ୍ଠିତ ଅଭିନେତ୍ରୀ ଥିଲେ ଏବଂ ଅମିତାଭ ନିଜର ପରିଚୟ ସୃଷ୍ଟି କରୁଥିଲେ। କିନ୍ତୁ ୧୯୭୬ ମସିହାରେ ଆସିଥିବା ଫିଲ୍ମ 'ଦୋ ଅନ୍‌ଜାନେ' ସେଟ୍‌ରୁ ସବୁକିଛି ବଦଳିବାକୁ ଲାଗିଲା। ଏହି ସିନେମାରେ ପ୍ରଥମ ଥର ପାଇଁ ଅମିତାଭ ଏବଂ ରେଖା ଏକାଠି ଅଭିନୟ କରିଥିଲେ। ସେଟ୍‌ରୁ ଆରମ୍ଭ ହୋଇଥିବା ବନ୍ଧୁତା ଧୀରେ ଧୀରେ ଗଭୀର ପ୍ରେମରେ ରୂପାନ୍ତରିତ ହୋଇଥିଲା।

### 'ସିଲ୍‌ସିଲା'ର କାହାଣୀ

ମିଡିଆରେ ଦୁହିଁଙ୍କ ପ୍ରେମକୁ ନେଇ ଅନେକ ଚର୍ଚ୍ଚା ହେଲା। କୁହାଯାଏ, ସୁଟିଂ ସେଟ୍ ବାହାରେ ଅମିତାଭ ଏବଂ ରେଖା ଏକ ଗୋପନୀୟ ବଙ୍ଗଳାରେ ଦେଖା କରୁଥିଲେ। ଯେତେବେଳେ ଏହି ଖବର ଜୟା ବଚ୍ଚନଙ୍କ ପାଖରେ ପହଞ୍ଚିଲା, ଘରେ ଅଶାନ୍ତିର ଝଡ଼ ସୃଷ୍ଟି ହେଲା। ନିର୍ଦ୍ଦେଶକ ଯଶ୍ ଚୋପ୍ରା ଏହି ବାସ୍ତବ ଜୀବନର ଡ୍ରାମାକୁ ପରଦା ଉପରକୁ ଆଣିବାକୁ ଚାହିଁଲେ ଏବଂ ୧୯୮୧ରେ ନିର୍ମାଣ କଲେ 'ସିଲ୍‌ସିଲା'। ଏହି ଫିଲ୍ମରେ ଅମିତାଭ, ଜୟା ଏବଂ ରେଖା ଏକାଠି ଅଭିନୟ କରିଥିଲେ, ଯାହା ସେମାନଙ୍କ ବାସ୍ତବ ଜୀବନର ପ୍ରତିବିମ୍ବ ଭଳି ଥିଲା। ଖବର ପ୍ରକାଶ ପାଇଥିଲା ଯେ, ଜୟା ଦିନେ ରେଖାଙ୍କୁ ନିଜ ଘରକୁ ରାତ୍ରିଭୋଜନ ପାଇଁ ଡାକିଥିଲେ ଏବଂ ସେଠାରେ ସ୍ପଷ୍ଟ ଭାବେ କହିଥିଲେ, 'ମୁଁ ଅମିତାଭଙ୍କୁ କେବେହେଲେ ଛାଡ଼ିବି ନାହିଁ।' ଏହି ଗୋଟିଏ ବାକ୍ୟ ରେଖାଙ୍କୁ ବାସ୍ତବତାକୁ ଫେରାଇ ଆଣିଥିଲା। 'ସିଲ୍‌ସିଲା' ପରେ ଅମିତାଭ ଓ ରେଖା କେବେ ବି ଏକାଠି କାମ କଲେ ନାହିଁ। ଅମିତାଭ ନିଜ ପରିବାରକୁ ବାଛିଲେ ଏବଂ ରେଖା ଆଜି ବି ସିନ୍ଦୂର ଲଗାଇ ଏକାକୀ ଜୀବନ ବିତାଉଛନ୍ତି।

### ଧର୍ମେନ୍ଦ୍ର, ପ୍ରକାଶ ଏବଂ ହେମାମାଳିନୀ:

ଯଦି ପ୍ରେମ ପାଇଁ କେହି ନିଜର ସବୁକିଛି ଦାଉରେ ଲଗାଇ ଦେଇପାରେ, ତେବେ ସେ ହେଉଛନ୍ତି ବଲିଉଡ୍‌ର 'ହି-ମ୍ୟାନ୍' ଧର୍ମେନ୍ଦ୍ର। ହେମା ମାଳିନୀଙ୍କ ପ୍ରେମରେ ସେ ଏଭଳି ପାଗଳ ଥିଲେ ଯେ ଶେଷରେ ତାଙ୍କୁ ଦ୍ୱିତୀୟ ବିବାହ ପାଇଁ





ଆଇନର ଗଳାବାଟ ଖୋଜିବାକୁ ପଡ଼ିଥିଲା। ୧୯୫୪ ମସିହାରେ, ଚଳଚ୍ଚିତ୍ର ଜଗତରେ ପ୍ରବେଶ କରିବା ପୂର୍ବରୁ ମାତ୍ର ୧୯ ବର୍ଷ ବୟସରେ ଧର୍ମେନ୍ଦ୍ରଙ୍କ ବିବାହ ପ୍ରକାଶ କୌରଙ୍କ ସହ ହୋଇଥିଲା। ସେମାନଙ୍କର ଚାରୋଟି ସନ୍ତାନ ମଧ୍ୟ ଥିଲେ (ସନ୍ନି, ବବି, ବିଜେତା ଓ ଅଜେତା)। କିନ୍ତୁ ୧୯୭୦ ଦଶକରେ ଯେବେ ଧର୍ମେନ୍ଦ୍ର ଏବଂ 'ଡ୍ରିମ୍ ଗର୍ଲ' ହେମା ମାଳିନୀଙ୍କ ଯୋଡ଼ି ପରଦାକୁ ଆସିଲା, ସେତେବେଳେ ସାରା ଦେଶ ସେମାନଙ୍କ ଦେବାନପଣ ଦେଖିଲା। ଫିଲ୍ମ 'ସୋଲେ'ର ସୁଟିଂ ସମୟରେ ଧର୍ମେନ୍ଦ୍ର, ହେମାଙ୍କ ସହ ଅଧିକ ସମୟ ବିତାଇବା ପାଇଁ ଲାଇଟ୍ ମ୍ୟାନ୍‌ମାନଙ୍କୁ ଲାଞ୍ଚ ଦେଉଥିଲେ ବୋଲି ଚର୍ଚ୍ଚା ହୁଏ। ହେମା ମାଳିନୀଙ୍କ ପରିବାର ଏହି ସମ୍ପର୍କର ସମ୍ପୂର୍ଣ୍ଣ ବିରୋଧୀ ଥିଲେ, କାରଣ ଧର୍ମେନ୍ଦ୍ର ପୂର୍ବରୁ ବିବାହିତ ଥିଲେ। ଅନ୍ୟପଟେ ପ୍ରକାଶ କୌର ଧର୍ମେନ୍ଦ୍ରଙ୍କୁ ଛାଡ଼ପତ୍ର ଦେବାକୁ ସାଫ୍ ମନା କରିଦେଇଥିଲେ। ହିନ୍ଦୁ ବିବାହ ଆଇନ ଅନୁଯାୟୀ ପ୍ରଥମ ପତ୍ନୀ ଜୀବିତ ଥାଉଥାଉ ଦ୍ୱିତୀୟ ବିବାହ ବେଆଇନ ଥିଲା। ଏହି ସମସ୍ୟାର ସମାଧାନ ପାଇଁ ୧୯୮୦ ମସିହାରେ ଧର୍ମେନ୍ଦ୍ର ଏବଂ ହେମା ମାଳିନୀ ଗୋପନରେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ। ଧର୍ମେନ୍ଦ୍ର ନିଜ ନାମ 'ଦିଲକରରକ୍ଷ ଖାନ୍' ଏବଂ ହେମା ନିଜ ନାମ 'ଆଇସା ବି' ରଖି ବିବାହ କରିଥିଲେ। ଏହି ବିବାହ ପରେ ବି ଧର୍ମେନ୍ଦ୍ର ନିଜର ପ୍ରଥମ ପରିବାରକୁ ଛାଡ଼ି ନଥିଲେ ଏବଂ ଦୁଇଟିଯାକ ସଂସାରକୁ ସନ୍ତୁଳିତ କରି ରଖିଲେ।

### ଶତ୍ରୁଘ୍ନ ସିହ୍ନା, ପୂନମ ଏବଂ ରୀନା:

ଶତ୍ରୁଘ୍ନ ସିହ୍ନା କେବଳ ପରଦାରେ 'ଶଟ୍ ଅପ୍' କୁହନ୍ତି ନାହିଁ, ବାସ୍ତବ ଜୀବନରେ ବି ସେ ନିଜର ସ୍ପଷ୍ଟବାଦିତା ପାଇଁ ଜଣାଶୁଣା। ତାଙ୍କ ଜୀବନର ସବୁଠାରୁ ବଡ଼ ଦୁର୍ବଳତା ଥିଲେ ଅଭିନେତ୍ରୀ ରୀନା ରାୟ। ଶତ୍ରୁଘ୍ନ ସିହ୍ନା ପ୍ରଥମେ ପୂନମ ଚଣ୍ଡୀରାମାନୀଙ୍କୁ ପ୍ରେମ କରି ବିବାହ କରିଥିଲେ। କିନ୍ତୁ ବିବାହ ପରେ ମଧ୍ୟ ଅଭିନେତ୍ରୀ ରୀନା ରାୟଙ୍କ ସହ ତାଙ୍କର ଆଫେୟାର୍ ଚାଲିଥିଲା। ସେ ସମୟରେ ଖବରକାଗଜଗୁଡ଼ିକ ଏହି ଦୁହିଁଙ୍କ ଖବରରେ ଭର୍ତ୍ତି ହୋଇ ରହୁଥିଲା। କୁହାଯାଏ ଯେ ରୀନା ରାୟ, ଶତ୍ରୁଘ୍ନଙ୍କ ପ୍ରେମରେ ଏତେ ଗଭୀର ଭାବେ ବୁଡ଼ି ରହିଥିଲେ ଯେ ସେ ତାଙ୍କୁ ବିବାହ କରିବା ପାଇଁ ଚାପ ପକାଇବା ଆରମ୍ଭ କରିଥିଲେ। ଯେତେବେଳେ ପୂନମ ସିହ୍ନାଙ୍କୁ ଏହି ସମ୍ପର୍କ ବିଷୟରେ ଜଣାପଡ଼ିଲା, ସେ ନିଜ ପିଲାମାନଙ୍କୁ ଧରି ଘର ଛାଡ଼ି ଚାଲିଯାଇଥିଲେ।

### ସୈଫ୍ ଅଲ୍ଲୀ, ଅମୃତା ଏବଂ ରୋଜା:

ସୈଫ୍ ଅଲ୍ଲୀ ଖାନ୍ ଏବଂ ଅମୃତା ସିଂଙ୍କ ପ୍ରେମ କାହାଣୀ ଯେତିକି ଆଶ୍ଚର୍ଯ୍ୟଜନକ ଥିଲା, ସେମାନଙ୍କର ବିଚ୍ଛେଦ ମଧ୍ୟ ସେତିକି ନାଟକୀୟ ଥିଲା। ୧୯୯୧ ମସିହାରେ, ଯେତେବେଳେ ସୈଫ୍ ବଲିଉଡ୍‌ରେ କ୍ୟାରିୟର୍ ଆରମ୍ଭ କରୁଥିଲେ, ସେ ନିଜଠାରୁ ୧୨ ବର୍ଷ ବଡ଼ ତଥା ସେ ସମୟର ସୁପରଷ୍ଟାର୍ ଅମୃତା ସିଂଙ୍କୁ ପ୍ରେମ କରି ବିବାହ କରିଥିଲେ। ପରିବାରର ବିରୋଧ ସତ୍ତ୍ୱେ ଏହି ବିବାହ ଦୀର୍ଘ ୧୩ ବର୍ଷ ଧରି ଭଲରେ ଚାଲିଥିଲା ଏବଂ ସେମାନଙ୍କର ଦୁଇଟି ସନ୍ତାନ (ସାରା ଓ ଇବ୍ରାହିମ) ମଧ୍ୟ ହେଲେ। ୨୦୦୪ ମସିହାରେ ସୈଫ୍‌ଙ୍କ ଜୀବନରେ ଜଣେ ଇଟାଲୀୟ ମଡେଲ ରୋଜା କ୍ୟାଟଲାନୋଙ୍କ ପ୍ରବେଶ ହେଲା। ରୋଜାଙ୍କ ସହ ଘନିଷ୍ଠତା ବଢ଼ିବା କାରଣରୁ ଅମୃତା ଏବଂ ସୈଫ୍‌ଙ୍କ ମଧ୍ୟରେ ତିକ୍ତତା ଦେଖାଦେଲା। ପରିଣାମସ୍ୱରୂପ, ସେହି ବର୍ଷ ହିଁ ଦୁହିଁଙ୍କର ଛାଡ଼ପତ୍ର ହୋଇଗଲା। ତେବେ ରୋଜାଙ୍କ ସହ ମଧ୍ୟ ସୈଫ୍‌ଙ୍କ ସମ୍ପର୍କ ଅଧିକ ଦିନ ତିଷ୍ଠିଲା ନାହିଁ ଏବଂ ପରବର୍ତ୍ତୀ ସମୟରେ ସେ କରୀନା କପୁରଙ୍କୁ ବିବାହ କଲେ।

### ବୋନି, ମୋନା ଏବଂ ଶ୍ରୀଦେବୀ:

ବଲିଉଡ୍‌ର ସବୁଠାରୁ ଦୁଃଖଦ ଏବଂ ଚର୍ଚ୍ଚିତ ତ୍ରିକୋଣୀୟ ସମ୍ପର୍କ ମଧ୍ୟରେ ନିର୍ମାତା ବୋନି କପୁର, ତାଙ୍କ ପ୍ରଥମ ପତ୍ନୀ ମୋନା ସୁରି ଏବଂ ସୁପରଷ୍ଟାର୍ ଶ୍ରୀଦେବୀଙ୍କ କାହାଣୀ ଅନ୍ୟତମ। ୧୯୮୩ ମସିହାରେ ବୋନି କପୁର ଏବଂ ମୋନା ସୁରିଙ୍କ ବିବାହ ହୋଇଥିଲା। ସେମାନଙ୍କର ଦୁଇଟି ସନ୍ତାନ ମଧ୍ୟ ଥିଲେ- ଅର୍ଜୁନ କପୁର ଏବଂ ଅଂଶୁଲା କପୁର। ମୋନା ଏବଂ ଶ୍ରୀଦେବୀଙ୍କ ମଧ୍ୟରେ ଅତି ନିବିଡ଼ ବନ୍ଧୁତା ଥିଲା। ଯେତେବେଳେ ଶ୍ରୀଦେବୀ ବଲିଉଡ୍‌ରେ ନିଜ ଗୋଡ଼ରେ ଠିଆ ହେବାକୁ ସଂଘର୍ଷ କରୁଥିଲେ ଏବଂ ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲେ, ସେତେବେଳେ ମୋନା ସୁରି ହିଁ ତାଙ୍କୁ ନିଜ ଘରେ ଆଶ୍ରୟ ଦେଇଥିଲେ। ସେହି ସମୟରେ ଶ୍ରୀଦେବୀ, ବୋନି କପୁରଙ୍କୁ 'ରାକ୍ଷୀ' ମଧ୍ୟ ବାନ୍ଧୁଥିଲେ ବୋଲି ମିଡିଆ ରିପୋର୍ଟରେ କୁହାଯାଏ। ମୋନା ଯେଉଁ ଶ୍ରୀଦେବୀଙ୍କୁ ନିଜ ଭଉଣୀ ଭଳି ଭାବୁଥିଲେ, ସେହି ଶ୍ରୀଦେବୀ ଧୀରେ ଧୀରେ ବୋନି କପୁରଙ୍କ ପ୍ରେମରେ ପଡ଼ିଯାଇଥିଲେ। ୧୯୯୬ ମସିହାରେ ଯେତେବେଳେ ଏହା ଜଣାପଡ଼ିଲା ଯେ ଶ୍ରୀଦେବୀ ଗର୍ଭବତୀ ଅଛନ୍ତି, ସେତେବେଳେ ସାରା ବଲିଉଡ୍ ସ୍ତବ୍ଧ ହୋଇଯାଇଥିଲା। ବୋନି କପୁର ଏବଂ ଶ୍ରୀଦେବୀ ଗୋପନରେ ବିବାହ କରିସାରିଥିଲେ। ଏହି ଖବର ପାଇବା ପରେ ମୋନା ସୁରି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ବୋନି ଏବଂ ମୋନାଙ୍କ ବିଚ୍ଛେଦ ହୋଇଥିଲା। ଅର୍ଜୁନ କପୁର ଏବଂ ତାଙ୍କ ଭଉଣୀ ନିଜ ମା'ଙ୍କ ସହ ରହିଲେ। ୨୦୧୨ ମସିହାରେ କର୍କଟ ରୋଗରେ ପୀଡ଼ିତ ହୋଇ ମୋନାଙ୍କର ମୃତ୍ୟୁ ଘଟିଥିଲା।

### ଆମିର, କିରନ ଏବଂ ଫାତିମା:

ଆମିର ଖାନ୍ ପ୍ରଥମେ ନିଜ ପଡ଼ୋଶୀ ତଥା ପିଲାଦିନର ବାନ୍ଧବୀ ରୀନା ଦତ୍ତଙ୍କୁ ପ୍ରେମ କରି ୧୯୮୬ରେ ବିବାହ କରିଥିଲେ। ସେମାନଙ୍କର ଦୁଇଟି ସନ୍ତାନ ମଧ୍ୟ ଥିଲେ- ଜୁନୈଦ୍ ଏବଂ ଆଇରା। କିନ୍ତୁ 'ଲଗାନ' ଫିଲ୍ମର ସୁଟିଂ ସମୟରେ ଆମିରଙ୍କ ସହକାରୀ ନିର୍ଦ୍ଦେଶିକା କିରନ ରାଓଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଲା। ୨୦୦୨ ମସିହାରେ ରୀନାଙ୍କ ସହ ଛାଡ଼ପତ୍ର ହେବା ପରେ ଆମିର ୨୦୦୫ରେ କିରନଙ୍କୁ ବିବାହ କଲେ। କିରନ ଏବଂ ଆମିରଙ୍କ ସଂସାର ବେଶ୍ ଭଲ ଚାଲିଥିବା ବେଳେ ୨୦୧୬ ମସିହାରେ ମୁକ୍ତିଲାଭ କଲା ଫିଲ୍ମ 'ଦଙ୍ଗଲ'। ଏହି ଫିଲ୍ମରେ ଆମିରଙ୍କ ଝିଅ ଭୂମିକାରେ ଅଭିନୟ କରିଥିବା ଅଭିନେତ୍ରୀ ଫାତିମା ସାନା ଶେଖଙ୍କ ସହ ଆମିରଙ୍କ ନାମ ଯୋଡ଼ାଗଲା। ସୁଟିଂ ସେଟ୍ ବାହାରେ ଏବଂ ବିଭିନ୍ନ ପାର୍ଟିରେ ଦୁହିଁଙ୍କୁ ଏକାଠି ଦେଖିବାକୁ ମିଳିଲା। ଅନେକ ସମୟରେ ଚର୍ଚ୍ଚା ହେଲା ଯେ, ଆମିର ନିଜଠାରୁ ବୟସରେ ବହୁତ ସାନ ଫାତିମାଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ଏହି ଗୁଜବ ଏବଂ ଆଭ୍ୟନ୍ତରୀଣ ମତାନ୍ତର କାରଣରୁ ୨୦୨୧ ମସିହାରେ ଆମିର ଖାନ୍ ଏବଂ କିରନ ରାଓ ଏକ ମିଳିତ ବିବୃତ୍ତି ଜାରି କରି ନିଜର ୧୫ ବର୍ଷର ବିବାହ ସମ୍ପର୍କର ଅନ୍ତ ଘଟାଇଥିଲେ। ଯଦିଓ ଆମିର କିମ୍ବା ଫାତିମା କେବେ ବି ସେମାନଙ୍କ ସମ୍ପର୍କକୁ ସ୍ୱୀକାର କରିନାହାନ୍ତି, ତଥାପି ବଲିଉଡ୍ ଗଳିରେ ଆଜି ବି ଏହାକୁ ନେଇ ଚର୍ଚ୍ଚା ଜାରି ରହିଛି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: jatiyachetana@gmail.com, jatiyachetana@yahoo.com,
Chief Advisor: Pradosh Pattnaik ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ Editor: Tapan Bihari Bhanja ସମ୍ପାଦକ: ତପନ ବିହାରୀ ଭଞ୍ଜ